# କାର୍ଯ୍ୟ ସମ୍ପର୍କରେ ବାଇବଲର ଦୃଷ୍ଟିକୋଣ



ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ମାର୍ଚ୍ଚ ୨୦୨୧

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Biblical Attitude Towards Work (Odia)**

# କାର୍ଯ୍ୟ ସମ୍ପର୍କରେ
# ବାଇବଲର ଦୃଷ୍ଟିକୋଣ

# ସୂଚୀପତ୍ର


| | | |
|---|---|---|
| ୧. | କାର୍ଯ୍ୟ ଈଶ୍ୱରଙ୍କ ଚିନ୍ତାଧାରା | ୧ |
| ୨. | କାର୍ଯ୍ୟ ସମ୍ପର୍କରେ ଭୁଲ ଦୃଷ୍ଟିକୋଣ | ୩ |
| ୩. | କାର୍ଯ୍ୟ ସମ୍ପର୍କରେ ବିଶ୍ୱାସୀର ଦୃଷ୍ଟିକୋଣ | ୬ |
| ୪. | ବିଶ୍ୱାସୀମାନଙ୍କୁ କାର୍ଯ୍ୟ କରିବାକୁ ଆଦେଶ ଦିଆଯାଇଛି | ୧୧ |
| ୫. | ସାତୋଟି ଯଥାର୍ଥ ଦୃଷ୍ଟିକୋଣ | ୧୯ |
| ୬. | ଆପଣଙ୍କ କାର୍ଯ୍ୟ ସମ୍ପର୍କରେ ପ୍ରତିଜ୍ଞାସମୂହ | ୨୩ |
| ୭. | ନୂତନ ପୃଥିବୀରେ କାର୍ଯ୍ୟଧାରା | ୨୬ |

# ୧

# କାର୍ଯ୍ୟ ଈଶ୍ୱରଙ୍କ ଚିନ୍ତାଧାରା

**ଆଦିପୁସ୍ତକ ୧ :୩୧**
ପରମେଶ୍ୱର ଆପଣା ନିର୍ମିତ ପ୍ରତ୍ୟେକ ବସ୍ତୁ ପ୍ରତି ଦୃଷ୍ଟି କଲେ, ଆଉ ଦେଖ, ସମସ୍ତ ଅତ୍ୟୁତ୍ତମ । ତହିଁରେ ସନ୍ଧ୍ୟା ଓ ପ୍ରାତଃକାଳ ହୋଇ ଷଷ୍ଠ ଦିବସ ହେଲା ।

**ଆଦିପୁସ୍ତକ ୨ :୧-୩**
୧ ଏହି ରୂପେ ଆକାଶମଣ୍ଡଳର ଓ ପୃଥିବୀର, ପୁଣି ସେହି ଦୁଇରେ ସ୍ଥିତ ସମସ୍ତ ବସ୍ତୁର ସୃଷ୍ଟି ସମାପ୍ତ ହେଲା ।
୨ ପରମେଶ୍ୱର ସପ୍ତମ ଦିନରେ ଆପଣାର କାର୍ଯ୍ୟ ସମାପ୍ତ କରି ସେହି ସପ୍ତମ ଦିନରେ ଆପଣାର କୃତ ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।
୩ ପୁଣି ପରମେଶ୍ୱର ସପ୍ତମ ଦିନକୁ ଆଶୀର୍ବାଦ କରି ପବିତ୍ର କଲେ । ଯେହେତୁ ସେହି ଦିନରେ ପରମେଶ୍ୱର ସୃଷ୍ଟିକରଣରୂପ ଆପଣାର କୃତ ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।

ଈଶ୍ୱର ଏଠାରେ କାର୍ଯ୍ୟ କରୁଥିବା ଆମେ ଦେଖୁ । ସେ ଛ'ଦିନ କାର୍ଯ୍ୟ କଲେ ଓ ସପ୍ତମ ଦିନରେ ବିଶ୍ରାମ ନେଲେ । କିନ୍ତୁ ଆମମାନଙ୍କ ପରି, ଈଶ୍ୱର କ୍ଳାନ୍ତ ହୋଇଯାଇଥିବାରୁ ବିଶ୍ରାମ ନେଇ ନ ଥିଲେ । ସୃଷ୍ଟିକାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନିମନ୍ତେ ସେ ଯାହା କରିବାର ଆବଶ୍ୟକ ଥିଲା ତାହା ସେ ପୂରା କରିଥିଲେ । ସେ ଦେଖିଲେ ଯାହା ସେ କରିଥିଲେ ସବୁ ଅତ୍ୟୁତ୍ତମ ଓ ସମ୍ପୂର୍ଣ୍ଣ ଥିଲା । ତେଣୁ, ସେ କ୍ଷଣକାଳ ନିମନ୍ତେ ବିଶ୍ରାମ ନେଲେ ।

କିନ୍ତୁ ଆଦମ ଯେଉଁ ମୁହୂର୍ତ୍ତରେ ପାପରେ ପତିତ ହେଲେ, ଈଶ୍ୱର ପୁଣି କାର୍ଯ୍ୟ କରିବା ଆରମ୍ଭ କଲେ । ତାହାଥିଲା ମୁକ୍ତିର କାର୍ଯ୍ୟ, ଯେପରି କି ସେ ମନୁଷ୍ୟକୁ ଆପଣା ନିକଟକୁ ଫେରାଇ ଆଣନ୍ତି, ସେହି ସମୟଠାରୁ ସେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଆସୁଛନ୍ତି ଓ ମନୁଷ୍ୟ ଜାତି ନିକଟରେ ତାଙ୍କର ମୁକ୍ତିର ଯୋଜନାକୁ ପ୍ରକାଶ କରି ଆସୁଛନ୍ତି । ଈଶ୍ୱର କାର୍ଯ୍ୟ କରନ୍ତି ।

**ଆଦିପୁସ୍ତକ ୨ :୧୫**
ପୁଣି ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ନେଇ ଏଦନ ଉଦ୍ୟାନକୁ ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ ।

ଈଶ୍ୱର ଆଦମଙ୍କୁ ଏଦନ ଉଦ୍ୟାନରେ ରଖି ତାଙ୍କୁ କହି ନ ଥିଲେ, "ଆଦମ, ତୋ'ର ଏକମାତ୍ର କାର୍ଯ୍ୟ ହେଉଛି ମୋର ଉପାସନା କରିବା" । ପତନ ପୂର୍ବରୁ ସେ ଆଦମଙ୍କୁ କାର୍ଯ୍ୟ କରିବାକୁ ନେଇଥିଲେ । ଆଦମଙ୍କ କାର୍ଯ୍ୟ ଥିଲା ଉଦ୍ୟାନର "ରକ୍ଷଣାବେକ୍ଷଣ" ଓ ଉଦ୍ୟାନକୁ ସୁସଜ୍ଜିତ ରଖିବା । ଏହା ତାଙ୍କର କାର୍ଯ୍ୟ, ତାଙ୍କର ବୃତ୍ତି ଥିଲା ମନୁଷ୍ୟର ପତନ ପୂର୍ବରୁ ହିଁ ଈଶ୍ୱର କାର୍ଯ୍ୟ ସମ୍ବନ୍ଧୀୟ ଧାରଣା ଆରମ୍ଭ କରିଥିଲେ ।

ପତନ ପରେ ମଧ୍ୟ, ଆଦମ ଭୂମିରେ କାର୍ଯ୍ୟ କଲେ, କିନ୍ତୁ ସେତେବେଳେ ଭୂମି ଅଭିଶପ୍ତ ହୋଇଥିଲା ଓ ଆଦମ ଉତ୍ପାଦନ ନିମନ୍ତେ ଅଧିକ ପରିଶ୍ରମ କରିବାକୁ ହୋଇଥିଲା (ଆଦିପୁସ୍ତକ ୩:୧୭-୧୯) । ଆମେ ସମସ୍ତେ ବିଶ୍ୱାସ କରୁ ଯେ ବିବାହ ଈଶ୍ୱରଙ୍କ ଚିନ୍ତାଧାରା- ତେଣୁ ଆମେ ବିବାହକୁ ଉପଭୋଗ କରୁଛୁ । ଆମେ ଜାଣୁ ଯେ ମଣ୍ଡଳୀ ଈଶ୍ୱରଙ୍କ ଚିନ୍ତାଧାରା- ତେଣୁ ଆମେ ମଣ୍ଡଳୀକୁ ନେଇ ଆନନ୍ଦ କରୁଛୁ । ସୁସମ୍ବାଦ ଏହି ଯେ କାର୍ଯ୍ୟ ମଧ୍ୟ ଈଶ୍ୱରଙ୍କ ଚିନ୍ତାଧାରା । ଈଶ୍ୱର ଏହାକୁ ପ୍ରତିଷ୍ଠା କରିଛନ୍ତି । ତେଣୁ, କାର୍ଯ୍ୟକୁ ମଧ୍ୟ ଆପଣ ଉପଭୋଗ କରନ୍ତୁ ।

**ଈଶ୍ୱର କାର୍ଯ୍ୟ କଲେ ।**
**ଈଶ୍ୱର କାର୍ଯ୍ୟ ପ୍ରତିଷ୍ଠା କଲେ ।**
**ଏଣୁ ଏହାକୁ ଉପଭୋଗ କରନ୍ତୁ !**

# ୨

# କାର୍ଯ୍ୟ ସମ୍ପର୍କରେ ଭୁଲ ଦୃଷ୍ଟିକୋଣ

## କାର୍ଯ୍ୟ ଏକ ପ୍ରତିବନ୍ଧକ

ଆମମାନଙ୍କ ମଧ୍ୟରୁ ଅନେକେ ଈଶ୍ୱରଙ୍କର ଯୋଜନା ଓ ଉଦ୍ଦେଶ୍ୟକୁ ପୂରଣ କରିବା ବିଷୟରେ ଆନନ୍ଦିତ ଓ ଉତ୍ସାହିତ ହୋଇଥାଉ । କିନ୍ତୁ, ଆମେ ଯେଉଁ ଜାଗତିକ କାର୍ଯ୍ୟ କରିଥାଉ ସେଥିରେ ପାଞ୍ଚ ବା ଛଅ ଦିନ ବିତାଇଥାଉ । ଅନେକ ସମୟରେ ଆମେ ଚିନ୍ତା କରିଥାଉ, "ଯଦି ମୁଁ ଏହି କାର୍ଯ୍ୟରୁ ନିସ୍ତାର ପାଇଥାନ୍ତି, ଯୀଶୁଙ୍କ ସେବା କରିବା ପାଇଁ ପୂରା ସମୟ ପାଇଥାନ୍ତି ।" ଆମ "ଚାକିରୀ" ବା "କାର୍ଯ୍ୟ" ଆମର ସ୍ୱର୍ଗୀୟ ଆହ୍ୱାନକୁ ପୂରଣ କରିବା ଦିଗରେ ଏକ ବଡ଼ ପ୍ରତିବନ୍ଧକ ବୋଲି ଆମେ ମନେ କରିଥାଉ । ଏହା ଏକ ଭୁଲ ଧାରଣା । ଆମେ ମନେରଖିବା ଆବଶ୍ୟକ ଯେ ଆମେ ଯେଯାଏଁ ପୃଥିବୀରେ ରହିଛୁ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ- ଏପରିକି ଯେଉଁମାନେ ପୂର୍ଣ୍ଣସମୟ ସେବାକାର୍ଯ୍ୟରେ ରହିଛନ୍ତି ସେମାନଙ୍କ ପ୍ରତି ଏହା ପ୍ରଯୁଜ୍ୟ ।

ବାଙ୍ଗାଲୁରୁର ବିଷପ୍ କଟନ୍ ବାଳକ ସ୍କୁଲରେ ପଢୁଥିବା ସମୟରେ ବାର ବର୍ଷ ବୟସରେ ମୁଁ ପରିତ୍ରାଣ ପାଇଥିଲି । ମୁଁ ଯୀଶୁଙ୍କ ନିମନ୍ତେ ଅତି ଉଦ୍‌ଯୋଗୀ ଥିଲି ଓ ସୁଯୋଗ ପାଇବା ମାତ୍ରେ ତାଙ୍କ ବିଷୟରେ ପ୍ରଚାର କରୁଥିଲି । ବେଳେବେଳେ ମୁଁ ପ୍ରଚାର କରିବାର ସୁଯୋଗ ସୃଷ୍ଟି କରୁଥିଲି । ମୋର ମନେପଡ଼େ, ମୁଁ ଶ୍ରେଣୀରେ ଠିଆ ହୋଇ ଯୀଶୁଙ୍କ ବିଷୟରେ ସମସ୍ତ ଛାତ୍ରଙ୍କୁ କହୁଥିଲି । ମୁଁ ମଧ୍ୟ ଅନ୍ୟ ଦୁଇ ସ୍କୁଲ, ଯଥା: ବାଲ୍‌ଡ୍‌ୱିନ୍ ବାଳକ ସ୍କୁଲ ଓ କ୍ୟାଥେଡ୍ରାଲ୍ ସ୍କୁଲକୁ ଯାଇ ଯୀଶୁଙ୍କ ବିଷୟରେ ପ୍ରଚାର କରୁଥିଲି । ତେବେ ସ୍କୁଲ୍‌କୁ ଆସିବା ମୋର "ଫୁଟନ୍ତା" ସେବାକାର୍ଯ୍ୟ ପ୍ରତି ଏକ ବଡ଼ ପ୍ରତିବନ୍ଧକ ମନେ ହେଉଥିଲା, ଏବଂ 'ପାଠପଢ଼ା' ଆଶୀର୍ବାଦ ଅପେକ୍ଷା ବରଂ ପ୍ରତିବନ୍ଧକସ୍ୱରୂପ ମନେ ହେଉଥିଲା । ମନେ ହେଉଥିଲା ମୁଁ ମୋର ଅନ୍ତରରେ ଏହି ଗୁପ୍ତ ପ୍ରାର୍ଥନା କରୁଥିଲି: "ହେ ଈଶ୍ୱର ମୋତେ ଏଥିରୁ ଉଦ୍ଧାର କର । ପ୍ରଭୁ, ଯଦି ତୁମେ ମୋତେ ସ୍କୁଲରୁ ଓ ପାଠପଢ଼ାରୁ ମୁକ୍ତ

କରିଦିଅ, ମୁଁ ତୁମ ରାଜ୍ୟ ନିମନ୍ତେ ଅଧିକ କିଛି କରିପାରିବି ଓ ଲୋକମାନଙ୍କୁ ଯୀଶୁଙ୍କ ବିଷୟରେ ଅଧିକ ପ୍ରଚାର କରିପାରିବି" । ଈଶ୍ୱରଙ୍କ ଧନ୍ୟବାଦ କରେ, ସେଥିରୁ ସେ ମୋତେ ଉଦ୍ଧାର କରି ନ ଥିଲେ । ମୁଁ ସ୍କୁଲ ପାଠ ସମ୍ପୂର୍ଣ୍ଣ କଲି ଓ ଇଞ୍ଜିନିୟରିଂ କଲେଜରେ ପଢ଼ିଲି ଓ ସମୟ ଅନୁକ୍ରମେ ବୁଝିପାରିଲି କାହିଁକି ମୁଁ ପାଠ ପଢ଼ିବା ଆବଶ୍ୟକ ଥିଲା । ପ୍ରଭୁଙ୍କ ଧନ୍ୟବାଦ କରେ ଯେ ସେ ମୋତେ ପାଠ ଛାଡ଼ିବାକୁ କହିନାହାନ୍ତି । କିନ୍ତୁ ମୁଁ ସ୍ୱୀକାର କରୁଛି, ଦିନ ଥିଲା, ପାଠ ପଢ଼ିବା ଓ ସ୍କୁଲକୁ ଯିବା ଈଶ୍ୱରଙ୍କ ଉଦ୍ଦେଶ୍ୟ ସାଧନ କରିବାପାଇଁ ଅଗ୍ରସର ହେବାରେ ଏକ ମସ୍ତବଡ଼ ପ୍ରତିବନ୍ଧକ ପରି ମନେ ହେଉଥିଲା । ତୁଳନା କଲେ ଶ୍ରେଣୀର ବହିସବୁ ପଢ଼ିବା, ଗୃହକାର୍ଯ୍ୟ କରିବା ଓ ପରୀକ୍ଷାରେ ଲେଖିବା ଗୁରୁତ୍ୱହୀନ ବିଷୟ ଏବଂ ବାଇବଲ ପଢ଼ିବା, ପ୍ରାର୍ଥନା କରିବା, ସାକ୍ଷ୍ୟଦାନ କରିବା ଓ ପ୍ରଚାର କରିବା ଗୁରୁତ୍ୱପୂର୍ଣ୍ଣ ବିଷୟ ମନେ ହେଉଥିଲା । ପରେ, ମୁଁ ବୁଝିପାରିଲି ଯେ କାର୍ଯ୍ୟ ସମ୍ପର୍କରେ ଏହା ଭୁଲ ଦୃଷ୍ଟିକୋଣ ଥିଲା ।

## କାର୍ଯ୍ୟ ବନ୍ଧନସ୍ୱରୂପ

ଅନେକେ କାର୍ଯ୍ୟକୁ ବନ୍ଧନସ୍ୱରୂପ ବିଚାର କରନ୍ତି । ସେମାନେ ନିଜକୁ ଗୋତିଶ୍ରମିକ ବା କ୍ରୀତଦାସସଦୃଶ ବୋଲି ଅନୁଭବ କରନ୍ତି । ସେମାନେ ସବୁବେଳେ ଭାବନ୍ତି, "ମୋର ଅନିଚ୍ଛା ସତ୍ତ୍ୱେ ମୋତେ ସକାଳେ ଉଠିବାକୁ ଓ କାର୍ଯ୍ୟକୁ ଯିବାକୁ ହେଉଛି ।" କାର୍ଯ୍ୟକ୍ଷେତ୍ରରେ ଯେଉଁସବୁ ନିୟମ ରହିଛି ତାହା ଆହୁରି ଅଧିକ ଦୟନୀୟ କରିଦିଏ । ଆମେ କେଉଁଠାରେ କାର୍ଯ୍ୟ କରୁ ତାକୁ ନିର୍ଭର କରି, ଆମେ ସକାଳ ୯ ଘଣ୍ଟାରୁ ସନ୍ଧ୍ୟା ୬ ବା ୭ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ହୋଇଥାଏ । କାର୍ଯ୍ୟ କଲାବେଳେ ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟ କରିବାକୁ ଆମର ସ୍ୱାଧୀନତା ଥାଏ ଏବଂ ଅନ୍ୟ କାର୍ଯ୍ୟସବୁ କରିବାକୁ ଆମକୁ ଅନୁମତି ଦିଆଯାଇ ନ ଥାଏ । ତେଣୁ ଅନେକେ କାର୍ଯ୍ୟକୁ ଏକ ବନ୍ଧନ ଭାବରେ ବିବେଚନା କରନ୍ତି । ଆମ ମଧ୍ୟରୁ ଅନେକେ ମଧ୍ୟ ନିୟମସବୁ ଓ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ବିଦ୍ରୋହୀ ହୋଇଥାଉ ।

ଆମେ ବୁଝିବା ଆବଶ୍ୟକ ଯେ କାର୍ଯ୍ୟରେ ଯେଉଁସବୁ ନିୟମ ରହିଛି ତାକୁ ବନ୍ଧନ ମନେକରିବା ଅନୁଚିତ, କିନ୍ତୁ ସେସବୁ ଆମକୁ ଶୃଙ୍ଖଳିତ କରିଥାନ୍ତି । ବନ୍ଧନ ଓ ଶୃଙ୍ଖଳା ମଧ୍ୟରେ ଭିନ୍ନତାକୁ ଆମେ ଜାଣିବା ଆବଶ୍ୟକ । ଖ୍ରୀଷ୍ଟଙ୍କଠାରେ ଆମେ ମୁକ୍ତି ଓ ସ୍ୱାଧୀନତା ପାଇଛୁ (ଗାଲାତୀୟ ୨:୪; ୫:୧; ୨କରିନ୍ଥୀୟ ୩:୧୭) । କିନ୍ତୁ ଆମେ ମଧ୍ୟ ବୁଝିବା

ଆବଶ୍ୟକ ଯେ ଖ୍ରୀଷ୍ଟଙ୍କଠାରେ ଆମର ଯେଉଁ ସ୍ୱାଧୀନତା ରହିଛି ତା'ର ସୀମା ରହିଛି (ଗାଲାତୀୟ ୫:୧୩) । ତେଣୁ ଆମେ ଯାହା ଚାହୁଁ ତାହା କରିପାରିବା ନାହିଁ । ତେଣୁ କାର୍ଯ୍ୟକୁ ବନ୍ଧନସ୍ୱରୂପ ବୋଲି ମନେ କରିବା ଅନୁଚିତ ବରଂ ଏହା ଆମକୁ ଶୃଙ୍ଖଳିତ କରିବା ନିମନ୍ତେ ଏକ ସୁଯୋଗ ବୋଲି ଧରି ନେବାକୁ ହେବ ।

## କାର୍ଯ୍ୟ ଏକ ଅପରିହାର୍ଯ୍ୟ ମନ୍ଦ ବିଷୟ

ଅନେକେ ଭାବନ୍ତି କାର୍ଯ୍ୟ ଏକ ଅପରିହାର୍ଯ୍ୟ ମନ୍ଦ ବିଷୟ, ବିଲ୍‌ସବୁକୁ ଭରିବା ପାଇଁ ଏହା ନିଶ୍ଚିତରୂପେ କରିବାକୁ ହୋଇଥାଏ । ଅବଶ୍ୟ ଆମ ପରିବାରର ଭରଣପୋଷଣ ନିମନ୍ତେ ଆମେ କାର୍ଯ୍ୟ କରିଥାଉ । କିନ୍ତୁ ଅନେକେ କାର୍ଯ୍ୟ କରିବାକୁ ଭଲ ପାଆନ୍ତି ନାହିଁ ଏବଂ ତା'ପରିବର୍ତ୍ତେ ଆପତ୍ତି ଓ ଅଭିଯୋଗ କରିଥାନ୍ତି । ବିଶ୍ୱାସୀମାନେ କାର୍ଯ୍ୟକୁ ଆନନ୍ଦରେ କରିବା ଉଚିତ୍ ଓ ଏହାକୁ ଏକ ଅପରିହାର୍ଯ୍ୟ ମନ୍ଦ ବିଷୟ ମନେ ନ କରିବା ଉଚିତ୍ ।

## କାର୍ଯ୍ୟ ଏକ ଉପାସନା

ଅନେକେ ଏପରି ଭାବରେ କାର୍ଯ୍ୟକରି ଚାଲିଥା'ନ୍ତି ଯେ ସେମାନେ କାର୍ଯ୍ୟ ଏକ ଉପାସନା ବୋଲି ଯେଉଁ ଭ୍ରାନ୍ତ ଧାରଣା ରହିଛି ତଦ୍ୱାରା ଚାଳିତ ହୋଇଥାନ୍ତି । କ୍ରମେ ଏହି ମନୋଭାବ ଆମର କାର୍ଯ୍ୟସଂସ୍କୃତିକୁ ନିୟନ୍ତ୍ରଣ କରିଥାଏ । କାର୍ଯ୍ୟ ଉପାସନା ନୁହେଁ, କାରଣ ଉପାସନା କହିଲେ ଈଶ୍ୱରଙ୍କ ସଙ୍ଗେ ସହଭାଗିତା । ଈଶ୍ୱରଙ୍କ ବିଷୟ ଚିନ୍ତା ନ କରି ମଧ୍ୟ ଆପଣ କାର୍ଯ୍ୟ କରିପାରନ୍ତି ।

**କାର୍ଯ୍ୟ ସମ୍ପର୍କରେ ଭୁଲ ଦୃଷ୍ଟିକୋଣ**

କାର୍ଯ୍ୟ ଏକ ପ୍ରତିବନ୍ଧକ
କାର୍ଯ୍ୟ ଏକ ବନ୍ଧନ
କାର୍ଯ୍ୟ ଏକ ଅପରିହାର୍ଯ୍ୟ ମନ୍ଦ ବିଷୟ
କାର୍ଯ୍ୟ ଏକ ଉପାସନା

# ୩

# କାର୍ଯ୍ୟ ସମ୍ପର୍କରେ ବିଶ୍ୱାସୀର ଦୃଷ୍ଟିକୋଣ

ବିଶ୍ୱାସୀଭାବରେ କାର୍ଯ୍ୟ ସମ୍ପର୍କରେ ଆମର ଦୃଷ୍ଟିକୋଣ କ'ଣ ହେବା ଉଚିତ ? ଈଶ୍ୱର ଆମକୁ ଯେଉଁ ଚାକିରୀ, ବୃତ୍ତି ଓ ଜୀବିକା ନିର୍ବାହ ଉପାୟ ଦେଇଛନ୍ତି ତା' ପ୍ରତି ଆମର ଆଭିମୁଖ୍ୟ କ'ଣ ରହିବା ଉଚିତ ? ଏଠାରେ ମୁଁ ତିନୋଟି ଦୃଷ୍ଟିକୋଣ ପ୍ରତ୍ୟେକ ବିଶ୍ୱାସୀ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ମନେ କରେ ।

## କାର୍ଯ୍ୟ ଏକ ଗାଡ଼ି

ଆମର କାର୍ଯ୍ୟ, ଚାକିରୀ ବା ଜୀବିକା ନିର୍ବାହ ପନ୍ଥା ଏକ ଗାଡ଼ି ସଦୃଶ ଯାହା ପୃଥିବୀରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ନିର୍ବାହ କରିବା ନିମନ୍ତେ ବ୍ୟବହୃତ ହୋଇଥାଏ । ଏହି ଗାଡ଼ି ଦ୍ୱାରା ପୃଥିବୀରେ ଈଶ୍ୱରଙ୍କ ଉଦ୍ଦେଶ୍ୟସବୁ ପ୍ରକାଶିତ ହୋଇଥାଏ । ଅନ୍ୟ ଭାଷାରେ କହିଲେ, କାର୍ଯ୍ୟ ଈଶ୍ୱରଦତ୍ତ ଏକ ଉପକରଣ ଯାହା ଜଣେ ବ୍ୟକ୍ତିର ଜୀବନରେ ରହିଥିବା ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟ ସାଧନରେ ସାହାଯ୍ୟ କରିଥାଏ । ମୁଁ ବୁଝିପାରେ ଯେ ଅନେକେ ପୂର୍ଣ୍ଣସମୟ ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନ ପ୍ରାପ୍ତ ଅଟନ୍ତି । କିନ୍ତୁ, ପୂର୍ଣ୍ଣ ସମୟ ସେବାକାର୍ଯ୍ୟ ମଧ୍ୟ କହିବାକୁ ଗଲେ ଏକ 'କାର୍ଯ୍ୟ' ଅଟେ ।

## କାର୍ଯ୍ୟ ଏକ ରଣନୀତି

ଆମେ ମଧ୍ୟ ବୁଝିବାକୁ ହେବ ଓ କାର୍ଯ୍ୟ ସମ୍ପର୍କରେ ଏହି ଦୃଷ୍ଟିକୋଣ ପୋଷଣ କରିବାକୁ ହେବ ଯେ ଈଶ୍ୱର ତାଙ୍କର ଇଚ୍ଛା ଓ ଉଦ୍ଦେଶ୍ୟକୁ ସଫଳ କରିବାକୁ ଯାଇ କାର୍ଯ୍ୟକୁ ତାଙ୍କର ରଣନୀତି ଭାବରେ ଗ୍ରହଣ କରିଥାନ୍ତି । ଉଦାହରଣସ୍ୱରୂପ, ଜଣେ ବିଶ୍ୱାସୀଭାବରେ ପ୍ରଭୁଙ୍କ ନିମନ୍ତେ ଲୋକମାନଙ୍କୁ ଲାଭ କରିବା ପାଇଁ ଆପଣଙ୍କର ପ୍ରବଳ ଆଗ୍ରହ ରହିଛି । ଆପଣଙ୍କ ଚାକିରୀ ଓ ବୃତ୍ତି ଆପଣଙ୍କୁ ବାହାର ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ଦେବ, ଅନ୍ୟଥା

ଆପଣ ସେମାନଙ୍କୁ କେବେ ଭେଟି ପାରି ନ ଥାନ୍ତେ । ତେଣୁ ଆପଣଙ୍କ ଚାକିରୀକୁ ଈଶ୍ୱରଙ୍କର ଏକ ରଣନୀତି ବୋଲି ମନେ କରନ୍ତୁ । ଈଶ୍ୱର ଆପଣଙ୍କ ଚାକିରୀ ବା ବୃତ୍ତି ମାଧ୍ୟମରେ ଏପରି ଲୋକମାନଙ୍କ ସଙ୍ଗେ କୌଶଳକ୍ରମେ ମିଶାଉଛନ୍ତି ଯେଉଁମାନଙ୍କ ନିକଟରେ ଆପଣ ଖ୍ରୀଷ୍ଟଙ୍କ ବିଷୟରେ କହନ୍ତୁ ବୋଲି ସେ ଚାହାନ୍ତି । ଆପଣଙ୍କ କାର୍ଯ୍ୟ ଆପଣଙ୍କର 'ପୁଲ୍‌ପିଟ୍' ଅଟେ ଏବଂ ଆପଣ ଯୋଗାଯୋଗ କରୁଥିବା ଲୋକମାନେ ଆପଣଙ୍କ 'କ୍ଷେତ୍ର' ଅଟନ୍ତି ।

## କାର୍ଯ୍ୟ ଏକ ପ୍ରସ୍ତୁତି ପ୍ରକ୍ରିୟା

କାର୍ଯ୍ୟ କେବଳ ଏକ ଅର୍ଥ ଉପାର୍ଜନର ସ୍ଥାନ ନୁହେଁ, ମାତ୍ର ସେଠାରେ ମଧ୍ୟ ଈଶ୍ୱର ଆମ ଚରିତ୍ର ଗଠନ କରିଥାନ୍ତି । ଏହା ଆମ ପ୍ରସ୍ତୁତି ପ୍ରକ୍ରିୟାର ଅଂଶବିଶେଷ । ଆମେ ଅନେକ ସମୟରେ ମନେ କରିଥାଉ ଯେ ସଣ୍ଡେସ୍କୁଲ, ମଣ୍ଡଳୀ ବା ବାଇବଲ ସ୍କୁଲରେ ହିଁ ଚରିତ୍ର ଗଠନ ହୋଇଥାଏ, କିନ୍ତୁ ଈଶ୍ୱର ଆମର ଚରିତ୍ର ଯେ କୌଣସି ସ୍ଥାନରେ ଗଠନ କରିପାରନ୍ତି । ସେ ଦିନରେ ୨୪ ଘଣ୍ଟା ଆମ ଜୀବନରେ କାର୍ଯ୍ୟ କରିଥାନ୍ତି ।

କାର୍ଯ୍ୟ ସ୍ଥାନରେ, ଈଶ୍ୱର ଆମକୁ ଶିକ୍ଷା ଦେଇପାରନ୍ତି ଆମେ ଲୋକମାନଙ୍କ ସଙ୍ଗେ କିପରି ସମ୍ପର୍କ ରଖିବା, କିପରି ବିଭିନ୍ନ ପରିସ୍ଥିତିରେ ପ୍ରତିକ୍ରିୟା ପ୍ରକାଶ କରିବା, ସ୍ୱର୍ଗୀୟ ଜ୍ଞାନର ସାହାଯ୍ୟ ନେବା ଓ ସମସ୍ୟା ସବୁର ସମାଧାନ କରିବା । କାର୍ଯ୍ୟ ସ୍ଥାନର କେତେଜଣ ଆମ ଶରୀରର କଣ୍ଟକସଦୃଶ ମନେ ହେବେ, ଯେଉଁମାନଙ୍କ ସଙ୍ଗେ ସମ୍ପର୍କ ରଖିବାକୁ ସହଜ ହେବ ନାହିଁ । କିନ୍ତୁ ଈଶ୍ୱର ଆମ କାର୍ଯ୍ୟ ସ୍ଥାନରେ ଆମ ଚ଼ରିତ୍ର ବିକଶିତ କରିବେ । ସେହିପରି ଆମ କାର୍ଯ୍ୟସ୍ଥାନରେ ଆମେ ନୂତନ କୌଶଳ ଶିକ୍ଷା କରିପାରୁ ଓ ଆମର ଦକ୍ଷତା ବୃଦ୍ଧି କରିପାରୁ, ଯାହା ଈଶ୍ୱର ତାଙ୍କର ରାଜ୍ୟ ବୃଦ୍ଧି ନିମନ୍ତେ ବ୍ୟବହାର କରିପାରନ୍ତି । ଉଦାହରଣ ସ୍ୱରୂପ, ଆପଣ କାର୍ଯ୍ୟସ୍ଥାନରେ ନେତୃତ୍ୱ କୌଶଳ ଶିକ୍ଷା କରିପାରନ୍ତି ଏବଂ ଈଶ୍ୱର ସେହି ନେତୃତ୍ୱ କୌଶଳକୁ ଆପଣଙ୍କ ସ୍ଥାନୀୟ ମଣ୍ଡଳୀର କୌଣସି ସେବାକାର୍ଯ୍ୟରେ ବ୍ୟବହାର କରିପାରନ୍ତି, ଫଳରେ ଆପଣ ସେଠାରେ ଅନ୍ୟମାନଙ୍କର ଆଶୀର୍ବାଦର କାରଣ ହେବେ ।

ଆସନ୍ତୁ ଆମେ ବାଇବଲର କେତେ ଜଣ ବ୍ୟକ୍ତିଙ୍କ ବିଷୟରେ ଆଲୋଚ଼ନା କରିବା ।

# ଯୋଷେଫ

## "ଏକ ଭାବବାଣୀଯୁକ୍ତ ସ୍ୱପ୍ନ ଓ ଯୋଜନା ସଫଳ କରିଥିଲେ"

ଯୋଷେଫଙ୍କ ବିଷୟ ଚିନ୍ତା କରନ୍ତୁ । ଯୋଷେଫ ଏକ ଈଶ୍ୱର-ଦତ୍ତ ଦର୍ଶନ, ଏକ ଈଶ୍ୱର-ଦତ୍ତ ସ୍ୱପ୍ନ ପ୍ରାପ୍ତ ହୋଇଥିଲେ । କିନ୍ତୁ ସେ ସବୁକିଛି ଛାଡ଼ି 'ପୂର୍ଣ୍ଣ-ସମୟ ସେବାକାର୍ଯ୍ୟ'ରେ ଯୋଗଦେଇ ନ ଥିଲେ । ଯୋଷେଫ ଈଶ୍ୱରଙ୍କ ପ୍ରସ୍ତୁତି ପ୍ରକ୍ରିୟା ମଧ୍ୟ ଦେଇ ଗତି କଲେ । ସେହି ପ୍ରକ୍ରିୟାରେ ସେ ପୋଟିଫର୍‌ଙ୍କ ଗୃହରେ କାର୍ଯ୍ୟ କରିବାକୁ ବାଧ୍ୟ ହେଲେ ଓ ସେହି ଗୃହର ଯେ କୌଣସି କାର୍ଯ୍ୟ ତାଙ୍କୁ ଦିଆଯାଉଥିଲା ତାହା ସେ କରୁଥିଲେ । ସେଠାରୁ ତାଙ୍କୁ, ତାଙ୍କର କୌଣସି ଦୋଷ ନ ଥିଲେ ସୁଦ୍ଧା, କାରାଗାରକୁ ପଠାଇ ଦିଆଗଲା । ସେଠାରେ ମଧ୍ୟ ସେ କାର୍ଯ୍ୟ କରିଥିଲେ । ସେ ଅନ୍ୟ କଏଦୀମାନଙ୍କ ଦାୟିତ୍ୱରେ ରହିଲେ । ତା'ପରେ ସେ ମିଶରର ପ୍ରଧାନମନ୍ତ୍ରୀ ପଦକୁ ଉନ୍ନୀତ ହୋଇଥିଲେ ଏବଂ ସେହି ପଦରେ ରହି ସେ ଅନେକ କାର୍ଯ୍ୟ କଲେ । ସେ ଯଦିବା ପୂର୍ଣ୍ଣ ସମୟ ସେବାକାର୍ଯ୍ୟ ନିମନ୍ତେ ଆହୂତ ହୋଇ ନ ଥିଲେ, ତଥାପି ଈଶ୍ୱର ତାଙ୍କୁ ସେହି ସ୍ଥାନରେ ରଖି ସ୍ୱର୍ଗୀୟ ଉଦ୍ଦେଶ୍ୟ ସାଧନରେ ତାଙ୍କୁ ବ୍ୟବହାର କଲେ । ଯୋଷେଫ ମିଶରର ପ୍ରଧାନମନ୍ତ୍ରୀ ପଦରେ ରହିଲେ, ଯଦ୍ଦ୍ୱାରା ଈଶ୍ୱର ତାଙ୍କୁ ବାଳକ ଥିବା ସମୟରେ ଯେଉଁ ସ୍ୱପ୍ନ ଦେଖାଇଥିଲେ ସେହି ସ୍ୱପ୍ନ ସାକାର ହୋଇଥିଲା । ଯଦି ଯୋଷେଫ ପ୍ରଧାନମନ୍ତ୍ରୀ ପଦରୁ ଅବସର ନେଇ ପ୍ରାନ୍ତରରେ କୌଣସି ଆଶ୍ରମରେ ରହିଥାନ୍ତେ, କ'ଣ ହୋଇଥାଆନ୍ତା ? ସେ ସମ୍ଭବତଃ କେବେହେଲେ ଈଶ୍ୱର-ଦତ୍ତ ସ୍ୱପ୍ନ ସଫଳ ହେବା ଦେଖି ପାରି ନ ଥା'ନ୍ତେ ।

ଏହି ବିଷୟକୁ ମଧ୍ୟ ବିଚାର କରନ୍ତୁ । ଯୋଷେଫ ଜନ୍ମ ହେବାର ବହୁବର୍ଷ ପୂର୍ବରୁ, ଈଶ୍ୱର ଅବ୍ରହାମଙ୍କୁ କହିଥିଲେ ଯେ ସେ ତାଙ୍କ ବଂଶଧରମାନଙ୍କୁ ଏକ ଅଜଣା ଦେଶକୁ ନେଇଯିବେ । ତା'ପରେ ସେ ଅବ୍ରହାମ୍‌ଙ୍କୁ କହିଲେ: "ତୁମ୍ଭର ସନ୍ତାନଗଣ ଚାରିଶ ବର୍ଷ ଅନ୍ୟଦେଶରେ ପ୍ରବାସୀ ହୋଇ ଦାସ୍ୟକର୍ମ କରି କ୍ଳେଶ ଭୋଗ କରିବେ; ଏହା ନିଶ୍ଚିତ ଜାଣିବ; ମାତ୍ର ସେମାନେ ଯେଉଁ ଦେଶୀୟ ଲୋକମାନଙ୍କର ଦାସ୍ୟକର୍ମ କରିବେ, ଆମ୍ଭେ ସେମାନଙ୍କର  ବିଚାର କରିବା; ତହିଁ ଉତ୍ତାରେ ସେମାନେ ବହୁତ ଧନ ଘେନି ସେହି ଦେଶରୁ ବାହାର ହେବେ" (ଆଦିପୁସ୍ତକ ୧୫:୧୩,୧୪) । ଈଶ୍ୱର ଯୋଷେଫଙ୍କ ଈଶ୍ୱର-ଦତ୍ତ କୌଶଳସବୁ ଓ 'ବୃତ୍ତିଗତ' ଜୀବନକୁ ଯାନସଦୃଶ ବ୍ୟବହାର କରି ତାଙ୍କୁ ଏକ ଉଚ୍ଚସ୍ଥାନରେ ରଖିଲେ ଯେପରି କି ସେ ଏହି ଭାବାବାଣୀଯୁକ୍ତ ଯୋଜନାକୁ ସଫଳ କରିପାରିବେ ।

ଆମ ମଧ୍ୟରୁ ଅନେକେ ବିଭିନ୍ନ ସମ୍ପ୍ରଦାୟ, ନଗର ଓ ରାଷ୍ଟ୍ରଗୁଡ଼ିକ ନିମନ୍ତେ ରହିଥିବା ଈଶ୍ୱରଙ୍କ ଭାବବାଣୀଯୁକ୍ତ ଯୋଜନା ସମ୍ବନ୍ଧରେ ଅଜ୍ଞ ଅଟୁ । ତାଙ୍କର କେତେକ Kairos ସମୟଥାଏ (ବିଶେଷ ଘଟଣା, ଉପଯୁକ୍ତ ମୁହୂର୍ତ୍ତ, ସଙ୍କଟମୟ ଘଟଣା ଓ ସମୟର ପରିବର୍ତ୍ତନରେ Kairos ବ୍ୟବହୃତ ହୁଏ) ଏବଂ ସ୍ୱର୍ଗୀୟ ପ୍ରବେଶ ବିନ୍ଦୁଗୁଡ଼ିକ (କବ୍‌ଜା) ଥାଏ ଯେଉଁଠାରେ ସମ୍ପ୍ରଦାୟ, ନଗର ଓ ରାଷ୍ଟ୍ରଗୁଡ଼ିକ ନିମନ୍ତେ ସୁଯୋଗର ଦ୍ୱାରସବୁ ଖୋଲିଯିବ । ଈଶ୍ୱର ଏପରି 'ଯୋଷେଫମାନଙ୍କର' ଅନ୍ୱେଷଣ କରୁଛନ୍ତି ଯେଉଁମାନଙ୍କୁ ସେମାନଙ୍କର କୌଶଳ ଓ ବୃତ୍ତିଗତ ସାମର୍ଥ୍ୟସବୁକୁ ବ୍ୟବହାର କରି ସେ ସେମାନଙ୍କୁ ଉଚ୍ଚସ୍ଥାନରେ ଅବସ୍ଥାପିତ କରିବେ ଯେପରିକି ସମ୍ପ୍ରଦାୟ, ନଗର ଓ ରାଷ୍ଟ୍ରଗୁଡ଼ିକ ନିମନ୍ତେ ରହିଥିବା ତାଙ୍କର ଭାବବାଣୀଯୁକ୍ତ ଯୋଜନା ସଫଳ ହୋଇପାରିବ ।

## ଦାଉଦ, ଦାନିୟେଲ, ପାଉଲ

### "ଉଭୟ ଜାଗତିକତା ଓ ଆତ୍ମିକତାର ଏକ ସଂଯୋଗ"

ଦାଉଦ ଜଣେ ଭକ୍ତିସଙ୍ଗୀତ ରଚୟିତା, ଭାବବାଦୀ ଓ ରାଜା ଥିଲେ । ଦାନିୟେଲ ଜଣେ ଭାବବାଦୀ ହୋଇ ସୁଦ୍ଧା ଜଣେ ପ୍ରଧାନମନ୍ତ୍ରୀ ଥିଲେ ଓ ରାଜାଙ୍କର ଶାସନ କାର୍ଯ୍ୟରେ ସହାୟତା କରୁଥିଲେ । ପାଉଲଙ୍କ ବିଷୟ ଚିନ୍ତା କରନ୍ତୁ । ଆମେ ଜାଣୁ ସେ ଜଣେ ମହାନ୍ ପ୍ରେରିତ ଥିଲେ ଯେ କି ନୂତନ ନିୟମର ଅଧିକାଂଶ ପୁସ୍ତକ ରଚନା କରିଥିଲେ । ଅନ୍ତତଃ ତିନୋଟି ନଗରରେ- ଏଫିସୀ, କରିନ୍ଥ ଓ ଥେସଲନିକାରେ ସେ ରହୁଥିବାବେଳେ ସେ ତାଙ୍କର ଆବଶ୍ୟକତା ଓ ତାଙ୍କ ସେବାକାର୍ଯ୍ୟର ସହକର୍ମୀମାନଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଯେ କାର୍ଯ୍ୟ କରୁଥିଲେ, ଏହାର ଯଥେଷ୍ଟ ପ୍ରମାଣ ରହିଛି । ସେ ନିଜ ହସ୍ତରେ ପରିଶ୍ରମ କରୁଥିଲେ ଓ ନିଜର ଗୁଜରାଣ ମେଣ୍ଟାଉଥିଲେ, ଯେପରି କି ସେ ସେମାନଙ୍କ ପ୍ରତି ବୋଝସ୍ୱରୂପ ନ ହୁଅନ୍ତି ।

ଦାଉଦ, ଦାନିୟେଲ ଓ ପାଉଲଙ୍କଠାରେ ଆମେ 'ଜାଗତିକତା' ଓ 'ଆତ୍ମିକତା'ର ଏକ ସଂଯୋଗ ଦେଖିପାରୁ । ଆମେ ଏପରି ଏକ ସ୍ଥାନକୁ ଆସିବା ଉଚିତ ଯେଉଁଠାରେ ଆମେ କାର୍ଯ୍ୟକୁ ଏକ ପାର୍ଥିବ ବିଷୟ ଓ ଈଶ୍ୱରଙ୍କ ସଙ୍ଗେ ଚାଲିବାକୁ କାର୍ଯ୍ୟଠାରୁ ଭିନ୍ନ ଏକ ଆତ୍ମିକ ବିଷୟ ବୋଲି ଅଲଗା ନ କରୁ । ଆପଣଙ୍କ କାର୍ଯ୍ୟକୁ ଈଶ୍ୱରଙ୍କ ସଙ୍ଗେ ଚାଲିବାର ଏକ ଅଂଶବିଶେଷ ଭାବରେ ଦେଖନ୍ତୁ । ଏହା ଆପଣଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ

ଯୋଜନାର ଏକ ଅଂଶ ବିଶେଷ । ଜାଗତିକ କାର୍ଯ୍ୟ କରୁଥିଲେ ବୋଲି ଦାଉଦ, ଦାନିୟେଲ ବା ପାଉଲ ସେମାନଙ୍କର ଅଭିଷେକ ହରାଇ ନ ଥିଲେ । ଆପଣଙ୍କ କାର୍ଯ୍ୟ 'ଆତ୍ମିକ' କାରଣ ଈଶ୍ୱର କାର୍ଯ୍ୟ କରନ୍ତି ।

**କାର୍ଯ୍ୟ ସମ୍ପର୍କରେ ବାଇବଲର ଦୃଷ୍ଟିକୋଣ**

କାର୍ଯ୍ୟ ଏକ ଗାଡ଼ିସଦୃଶ

କାର୍ଯ୍ୟ ଏକ ରଣନୀତି

କାର୍ଯ୍ୟ ଏକ ପ୍ରସ୍ତୁତି ପ୍ରକ୍ରିୟା

# ୪

# ବିଶ୍ୱାସୀମାନଙ୍କୁ କାର୍ଯ୍ୟ କରିବାକୁ ଆଦେଶ ଦିଆଯାଇଛି

ନୂତନ ନିୟମରେ, ପ୍ରଭୁ ଯୀଶୁ ବିଶ୍ୱାସୀମାନଙ୍କୁ ମହାନ୍ ଆଦେଶ ପ୍ରଦାନ କଲେ ଯେପରି କି ସେମାନେ ସମଗ୍ର ଜଗତକୁ ଯାଇ ସୁସମାଚାର ପ୍ରଚାର କରନ୍ତି । ନୂତନ ନିୟମ ମଣ୍ଡଳୀ ଚାହିଁଥିଲେ ପ୍ରତ୍ୟେକ ପରିତ୍ରାଣପ୍ରାପ୍ତ ବ୍ୟକ୍ତଙ୍କୁ ପାର୍ଥିବ ବୃତ୍ତି ପରିତ୍ୟାଗ କରି ସୁସମାଚାର ପ୍ରଚାର କାର୍ଯ୍ୟରେ ନିୟୋଜିତ ହୋଇ ରହିବାକୁ କହିପାରିଥାନ୍ତେ । କିନ୍ତୁ ଏହା ଚିତ୍ତାକର୍ଷକ ବିଷୟ ଯେ ପ୍ରେରିତ ପାଉଲ ବିଶ୍ୱାସୀମାନଙ୍କୁ ଅନ୍ୟ କେତେକ ବିଷୟ କହନ୍ତି ।

## ନିଜ ହାତରେ କାର୍ଯ୍ୟ କରନ୍ତୁ

ଏଫିସୀୟ ୪:୨୮
ଚୋର ଆଉ ଚୋରି ନ କରୁ, ବରଞ୍ଚ ଅଭାବଗ୍ରସ୍ତ ଲୋକଙ୍କୁ ଦାନ କରିବା ନିମନ୍ତେ ଯେପରି ତାହା ପାଖରେ କିଛି ଥାଇ ପାରେ, ଏଥିନିମନ୍ତେ ନିଜ ହାତରେ ଉତ୍ତମ କାର୍ଯ୍ୟ କରି ପରିଶ୍ରମ କରୁ ।

ଯେ ଚୋରି କରୁଥିଲା, ସେ ଆଉ ଚୋରି କରିବା ଅନୁଚିତ, କିନ୍ତୁ ନିଜ ହାତରେ କାର୍ଯ୍ୟ କରିବା ଉଚିତ । ସେ ନିଜ ହାତରେ ପରିଶ୍ରମ କରିବା ଉଚିତ, ଯାହା ଉଚିତ ଓ ଉତ୍ତମ ତାହା କରୁ, ଯେପରି କି ସେ ନିଜର ଅଭାବ ପୂରଣ କରିବା ସଙ୍ଗେ ସଙ୍ଗେ ଅଭାବଗ୍ରସ୍ତ ଲୋକଙ୍କୁ ମଧ୍ୟ ଦାନ କରିପାରିବ । ଏଠାରେ ପାଉଲ ନିଜ ହାତରେ କାର୍ଯ୍ୟ କରିବାର ମହତ୍ତ୍ୱ ବା ମୂଲ୍ୟ ସମ୍ପର୍କରେ ବିଶ୍ୱାସୀମାନଙ୍କୁ ଶିକ୍ଷା ଦେଇଥିଲେ । ସେ ମଧ୍ୟ ଆମକୁ ଶିକ୍ଷା ଦିଅନ୍ତି ଉତ୍ତମ କାର୍ଯ୍ୟ କରିବା ପାଇଁ । ଏହାର ଅର୍ଥ ବିଶ୍ୱାସୀମାନେ କୌଣସି ଅସାଧୁ ବା ଦୁର୍ନୀତିଗ୍ରସ୍ତ କାର୍ଯ୍ୟ କରି ପାରିବେ ନାହିଁ ।

## କାର୍ଯ୍ୟ କରନ୍ତୁ ଯେପରି କି ଆପଣଙ୍କର କୌଣସି ଅଭାବ ନ ହୁଏ

୧ଥେସଲନୀକୀୟ ୪:୧୧,୧୨
୧୧ ପୁଣି, ତୁମ୍ଭମାନଙ୍କୁ ଦତ୍ତ ଆମ୍ଭମାନଙ୍କର ଆଜ୍ଞାନୁସାରେ ତୁମ୍ଭେମାନେ ଯେପରି ଶାନ୍ତିରେ ବାସ କରି ଆପଣା ଆପଣା କାର୍ଯ୍ୟରେ ଲାଗିବାକୁ ଓ ନିଜ ନିଜ ହାତରେ କାର୍ଯ୍ୟ କରିବାକୁ ମର୍ଯ୍ୟାଦାର ବିଷୟ ମନେ କର, ଏଥିନିମନ୍ତେ ଆମ୍ଭେମାନେ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛୁ,

**୧୨ ଯେପରି ବାହାର ଲୋକମାନଙ୍କ ପ୍ରତି ତୁମ୍ଭେମାନେ ସଦାଚାରୀ ହୁଅ, ଆଉ ତୁମ୍ଭମାନଙ୍କର କୌଣସି ଅଭାବ ନ ହୁଏ ।**

ପାଉଲ ବିଶ୍ୱାସୀମାନଙ୍କୁ କହନ୍ତି ଯେ ସେମାନେ ନିଜ ହାତରେ ପରିଶ୍ରମ କରନ୍ତୁ ଯେପରି କି ପରିତ୍ରାଣ ପାଇ ନଥିବା ଲୋକମାନେ ସେମାନଙ୍କୁ ଅସଦାଚାରୀ ଆଖ୍ୟା ଦେଇ ପାରିବେ ନାହିଁ । ଏଠାରେ ମଧ୍ୟ ଲକ୍ଷ୍ୟ କରନ୍ତୁ ଯେ ନିଜ ହାତରେ କାର୍ଯ୍ୟ କରିବାର ଉଦ୍ଦେଶ୍ୟ ଅଭାବ ଦୂର କରିବା ବା ସମସ୍ତ ଆବଶ୍ୟକତା ପୂରଣ କରିବା ।

ଅନେକେ ଘରେ ରହି ସେମାନଙ୍କର ସମସ୍ତ ଅଭାବ ପୂରଣ ନିମନ୍ତେ ଈଶ୍ୱରଙ୍କର ଅପେକ୍ଷା କରନ୍ତି । ଏହା ସତ୍ୟ ଯେ ଈଶ୍ୱର ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ଆମମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ ବୋଲି ପ୍ରତିଜ୍ଞା କରିଅଛନ୍ତି (ଫିଲିପ୍ପୀୟ ୪:୧୯) । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଈଶ୍ୱର ତାହାଙ୍କର ବାକ୍ୟରେ କାର୍ଯ୍ୟ କରିବା ନିମନ୍ତେ ଆଦେଶ ଦେଇଅଛନ୍ତି, କାରଣ ଏହା ଦ୍ୱାରା ସେ ଆମର କାର୍ଯ୍ୟ ମଧ୍ୟ ଦେଇ ଆମର ଅଭାବସବୁ ପୂରଣ କରିବେ ବୋଲି ସୂଚିତ କରିଛନ୍ତି । ଆମର କାର୍ଯ୍ୟ ମଧ୍ୟ ଦେଇ ସେ ଆମର ଅଭାବସବୁ ପୂରଣ କରିବା, ଏକ କାଉ ବିଢ଼ାଏ ଟଙ୍କା ଆଣି ଦେବାଠାରୁ କିଛି କମ୍ ଅଲୌକିକ ବିଷୟ ନୁହେଁ । ଏହା ଚିତ୍ତାକର୍ଷକ ନ ହୋଇପାରେ, ମାତ୍ର ନିଶ୍ଚେ ଅଲୌକିକ, କାରଣ ସେହି ଏକମାତ୍ର ଈଶ୍ୱର ହିଁ ଆପଣଙ୍କୁ ଯୋଗାଇ ଦେଉଛନ୍ତି । ମନେ ରଖନ୍ତୁ ଯେ ଈଶ୍ୱରଙ୍କ ଅନୁଗ୍ରହ ଓ ସ୍ୱର୍ଗୀୟ ବ୍ୟବସ୍ଥା ହିଁ ଆପଣଙ୍କୁ ଏକ ଚାକିରୀ ପ୍ରଦାନ କରିଛି, ଏହାକୁ ସୁରକ୍ଷିତ ରଖିଛି ଓ ଦରମା ପ୍ରଦାନ କରୁଛି ଏବଂ ଆପଣଙ୍କ ବୃତ୍ତିଗତ ଜୀବନରେ ଅଭିବୃଦ୍ଧି ଲାଭ କରିବାରେ ସାହାଯ୍ୟ କରୁଛି ।

କେତେ ଜଣ ଈଶ୍ୱରଙ୍କର ଅପେକ୍ଷା କରିଥାନ୍ତି ଯେପରି କି ଅଲୌକିକ ଭାବରେ ସେମାନଙ୍କର ଅଭାବ ପୂରଣ ହେବ, ସତେ ଯେମିତି ଲୋକମାନେ ତାଙ୍କ ନିକଟକୁ ଯିବେ ଓ ସେମାନଙ୍କ ହସ୍ତରେ ଅର୍ଥପ୍ରଦାନ କରିବେ ବା ଡ଼ାକ ଯୋଗେ ସେମାନଙ୍କ ନିକଟକୁ ଚେକ୍ ଆସିବ । ତେବେ ଏହା ହୋଇ ନ ଥାଏ, ତେଣୁ ସେମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଈଶ୍ୱର କାହିଁକି ଯୋଗାଉ ନାହାନ୍ତି । କିନ୍ତୁ ଈଶ୍ୱର ଯେଉଁ ମାର୍ଗରେ ସେମାନଙ୍କୁ ଯୋଗାଇବାକୁ ଚାହାନ୍ତି ସେମାନେ ସେହି ମାଧ୍ୟମ ସହିତ ଯୋଡ଼ିହୁଅନ୍ତୁ ବୋଲି ଈଶ୍ୱର ସେମାନଙ୍କଠାରୁ ଅପେକ୍ଷା କରନ୍ତି । କେତେକ କ୍ଷେତ୍ରରେ ଈଶ୍ୱର ଚାହାଁନ୍ତି ଯେ ଲୋକମାନେ ଚାକିରୀ କରନ୍ତୁ, ହୁଏତ କିଛି ଦିନ ପାଇଁ । ସେହି ଚାକିରୀ ହିଁ ସେମାନଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ଯୋଗାଣବ୍ୟବସ୍ଥା ଅଟେ ।

## ଯଦି କାର୍ଯ୍ୟ କରୁ ନାହାନ୍ତି, ଭୋଜନ ମଧ୍ୟ ନ କରନ୍ତୁ

**୨ଥେସଲନୀକୀୟ ୩:୭-୧୨**

୭ କାରଣ କିପରି ଆମ୍ଭମାନଙ୍କୁ ଅନୁକରଣ କରିବା ତୁମ୍ଭମାନଙ୍କର ଉଚିତ, ତାହା ତୁମ୍ଭେମାନେ ନିଜେ
ଜାଣୁଅଛ; ଯେଣୁ ଆମ୍ଭେମାନେ ତୁମ୍ଭମାନଙ୍କ ମଧ୍ୟରେ ଅବିହିତ ଆଚରଣ କରି ନ ଥିଲୁ,
୮ କିଅବା ବିନାମୂଲ୍ୟରେ କାହାରି ଅନ୍ନ ଭୋଜନ କରି ନ ଥିଲୁ, ବରଂ ତୁମ୍ଭମାନଙ୍କ ମଧ୍ୟରୁ କାହାରି
ଭାରସ୍ୱରୂପ ନ ହେବା ପାଇଁ ପରିଶ୍ରମ ଓ କ୍ଳେଶ ସହ ଦିବାରାତ୍ର କାର୍ଯ୍ୟ କରିଥିଲୁ;
୯ ତୁମ୍ଭମାନଙ୍କଠାରୁ କିଛି ଗ୍ରହଣ କରିବାକୁ ଯେ ଆମ୍ଭମାନଙ୍କର ଅଧିକାର ନାହିଁ, ତାହା ନୁହେଁ, କିନ୍ତୁ
ଯେପରି ତୁମ୍ଭେମାନେ ଆମ୍ଭମାନଙ୍କୁ ଅନୁକରଣ କର, ଏଥିନିମନ୍ତେ ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ
ଆପଣା ଆପଣାକୁ ଆଦର୍ଶରୂପେ ଦେଖାଇବା ପାଇଁ ସେପରି କଲୁ ।
୧୦ କାରଣ ତୁମ୍ଭମାନଙ୍କ ସହିତ ଥିବା ସମୟରେ ହିଁ ଆମ୍ଭେମାନେ ତୁମ୍ଭମାନଙ୍କୁ ଏହି ଆଜ୍ଞା ଦେଲୁ,
ଯେକେହି କାର୍ଯ୍ୟ କରିବାକୁ ଇଚ୍ଛା କରେ ନାହିଁ, ସେ ଭୋଜନ ମଧ୍ୟ ନ କରୁ ।
୧୧ ଯେଣୁ ତୁମ୍ଭମାନଙ୍କ ମଧ୍ୟରେ କେହି କେହି ଅବିହିତ ଆଚରଣ କରୁଅଛନ୍ତି ଓ କୌଣସି କାର୍ଯ୍ୟ ନ
କରି ଅନଧିକାର ଚର୍ଚ୍ଚାରେ ବ୍ୟସ୍ତ ଅଟନ୍ତି ବୋଲି ଆମ୍ଭେମାନେ ଶୁଣୁଅଛୁ ।
୧୨ ଏହିପ୍ରକାର ଲୋକମାନଙ୍କୁ ଶାନ୍ତ ଭାବରେ କାର୍ଯ୍ୟ କରି ନିଜ ନିଜର ଅନ୍ନ ଭୋଜନ କରିବାକୁ
ଆମ୍ଭେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆଜ୍ଞା ଓ ଚେତନା ଦେଉଅଛୁ ।

ନୂତନ ନିୟମ ଆମକୁ ଆଦେଶ ଦିଏ ଯେ ଆମେ ଶାନ୍ତ ଭାବରେ କାର୍ଯ୍ୟ କରି ନିଜ ନିଜର ଅନ୍ନ ଭୋଜନ କରିବା । ଅବିହିତ ଆଚ଼ରଣ କରିବା, କାର୍ଯ୍ୟ ନ କରିବା ଓ ଅନ୍ୟମାନଙ୍କ ଆୟରେ ବଞ୍ଚିବା ଅନୁଚିତ । କାର୍ଯ୍ୟ ବିଶ୍ୱାସୀମାନଙ୍କ ପ୍ରତି ନୂତନ ନିୟମର ଆଦେଶ ଅଟେ ।

## ପରିବାରର ଭରଣପୋଷଣ କରନ୍ତୁ

**୧ତୀମଥି ୫:୮**

କିନ୍ତୁ ଯଦି କେହି ଆପଣା ଆତ୍ମୀୟ, ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ, ସେ ବିଶ୍ୱାସମତ ଅସ୍ୱୀକାର କରିଅଛି, ଆଉ ସେ ଅବିଶ୍ୱାସୀଠାରୁ ଅଧମ ଅଟେ ।

ପୂର୍ଣ୍ଣ-ସମୟ ସେବାକାର୍ଯ୍ୟ ପାଇଁ ଆହ୍ୱାନ ପାଇଥିବା ଲୋକଙ୍କୁ ମୁଁ ଆହ୍ୱାନ ଦେବା ପାଇଁ ଚାହେଁ । ପ୍ରିୟ ସେବକଗଣ, ମନେ ରଖନ୍ତୁ ଯେ ଈଶ୍ୱର ତାଙ୍କର ବାକ୍ୟରେ ଯେଉଁ କେତେକ ଦାୟିତ୍ୱ ଦେଇଛନ୍ତି ଯାହା ଆପଣମାନେ ନିଶ୍ଚେ ପୂରଣ କରିବା ଆବଶ୍ୟକ । ସେଥିରୁ ଗୋଟିଏ ହେଉଛି ଆପଣା ପରିବାରକୁ ସମସ୍ତ ବିଷୟ ଯୋଗାଇବା । ଅନେକ ପ୍ରଭୁଙ୍କ

ଲୋକମାନେ ତରବରରେ ସେମାନଙ୍କର ଚାକିରୀ ପରିତ୍ୟାଗ କରି ବିଶ୍ୱାସରେ ଜୀବନ ଯାପନ କରିବେ ବୋଲି ଦାବି କରନ୍ତି । ବିଶ୍ୱାସରେ ଜୀବନ ଯାପନର ଅର୍ଥ ଏହା ନୁହେଁ ଯେ ଚାକିରୀ ଛାଡ଼ି ଦେବା ।

ଚାକିରୀ ବଞ୍ଚାଇ ରଖିବାରେ ମଧ୍ୟ ବିଶ୍ୱାସର ଆବଶ୍ୟକତା ରହିଛି । ଅନେକ ସମୟରେ, ଲୋକମାନେ ଚାକିରୀ ଛାଡ଼ି ଦିଅନ୍ତି, ସେବାକାର୍ଯ୍ୟରେ ଯୋଗଦାନ କରନ୍ତି ଏବଂ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ଖାଦ୍ୟପେୟ ଦେବାରେ ସଂଘର୍ଷ କରିଥାନ୍ତି । ହଁ, ଅନେକ କଷ୍ଟକର ସମୟର ସାମ୍ନା ଆମେ ସମସ୍ତେ କରିଥାଉ, ସେ ବିଷୟରେ ମୁଁ କହୁନାହିଁ । ତେବେ ପରିବାରର ମୌଳିକ ଆବଶ୍ୟକତାସବୁକୁ ଅନେକ ଦିନ ଓ ମାସ ମାସ ଗଡ଼ିଚାଲିଥିଲେ ବି ଯଦି ଆମେ ପୂର୍ଣ୍ଣ-ସମୟ ସେବାକାର୍ଯ୍ୟରେ ରହିଛୁ ବୋଲି ଯୋଗାଇ ପାରି ନ ଥାଉ ତା' ହେଲେ ଆପଣ ସେବାକାର୍ଯ୍ୟ ଦ୍ୱାରା ଭରଣପୋଷଣ ନିମନ୍ତେ ଉପଯୁକ୍ତ ପାଉଣା ପ୍ରାପ୍ତ ହେବା ପର୍ଯ୍ୟନ୍ତ କୌଣସି ଏକ ବୃତ୍ତି ବା ଚାକିରୀର ଅନ୍ୱେଷଣ କରିବା ବିଷୟରେ ଚିନ୍ତା କରିପାରନ୍ତି । ତେଣୁ, ପୂର୍ଣ୍ଣ-ସମୟ ସେବାକାର୍ଯ୍ୟରେ ଯୋଗଦେବା ପୂର୍ବରୁ ଆପଣ ନିଶ୍ଚିତ ରହିବା ଆବଶ୍ୟକ ଯେ ଆପଣ, ଆପଣଙ୍କର ଓ ଆପଣଙ୍କ ପରିବାରର ଆର୍ଥିକ ଆବଶ୍ୟକତାକୁ ପୂରଣ କରିପାରିବେ । ଆପଣଙ୍କ ସ୍ତ୍ରୀ ଓ ପିଲାମାନଙ୍କର ଯତ୍ନତତ୍ତ୍ୱ ନେବାକୁ ଅସମର୍ଥ ଥିଲେ ବିବାହ କରନ୍ତୁ ନାହିଁ । ଈଶ୍ୱର ଇଚ୍ଛା କରନ୍ତି ଯେ ଆପଣ ପରିବାର ପ୍ରତି ଦାୟିତ୍ୱବାନ୍ ରହନ୍ତୁ ।

## ମୋର ସାକ୍ଷ୍ୟ

ବାଙ୍ଗାଲୁରୁରେ ମୁଁ ସ୍କୁଲ୍‌ରେ ପଢୁଥିବାବେଳେ, ସେବାକାର୍ଯ୍ୟ ନିମନ୍ତେ ଅତ୍ୟନ୍ତ ଉଦ୍‌ଯୋଗୀ ଥିଲି । ମୁଁ ପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲି ଯେ ମୁଁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ପରେ ପୂର୍ଣ୍ଣ-ସମୟ ସେବାକାର୍ଯ୍ୟରେ ଯୋଗ ଦେବି । ଦଶମ ଶ୍ରେଣୀ ପରେ ମୁଁ ମୋର ପିତାମାତାଙ୍କ ନିକଟରେ ଜିଦ୍ କରିଥିଲି ଯେ ମୁଁ ଆଉ ପାଠପଢ଼ିବି ନାହିଁ, କିନ୍ତୁ ଏକ ସେମିନାରୀକୁ ଯାଇ ପାରମାର୍ଥି ବିଦ୍ୟା ଅଧ୍ୟୟନ କରିବି । ତେଣୁ ଭାରତରେ ଥିବା ବାଇବଲ କଲେଜଗୁଡ଼ିକୁ ଖୋଜିଲି ଓ ପୁନେରେ ଥିବା ଏକ ବାଇବଲ କଲେଜକୁ ଆବେଦନ ପତ୍ର ପଠାଇଲି । ସେହି କଲେଜ ମୋ ନିକଟକୁ ଏକ ପତ୍ର ପଠାଇଲେ ଯହିଁରେ ସେମାନେ ଲେଖିଥିଲେ ଯେ ମୋର ବୟସ କମ୍ ଓ ସେଠାରେ ନାମ ଲେଖାଇବାକୁ ହେଲେ ଅନ୍ତତଃ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଏହି ପତ୍ର ମୋତେ ନିରାଶ କରିଥିଲା । ଯେପରି

ହେଉ, ଦୁଇ ବର୍ଷର କଥା ତ, ତେଣୁ ମୁଁ ଦୁଇ ବର୍ଷ ପଢ଼ା କରି ସେମିନାରୀରେ ନାମ ଲେଖାଇବି ବୋଲି ସ୍ଥିର କଲି । ତେବେ, ଏହି ଦୁଇ ବର୍ଷରେ ମୋ' ପ୍ରତି କିଛି ଘଟିଥିଲା । ବାଙ୍ଗାଲୁରୁର ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀରେ ମୁଁ ଯୋଗଦାନ କରୁଥିଲି ଓ ସେଠାରେ ଗୋଟିଏ ବିଷୟ ଲକ୍ଷ୍ୟ କଲି । ସେଠାରେ ଦୁଇ ଦଳର ଲୋକ ଥିଲେ- ଗୋଟିଏ ଦଳର ଲୋକ ସେବାକାର୍ଯ୍ୟ କରୁଥିଲେ ଓ ମଣ୍ଡଳୀର ଅନ୍ୟମାନଙ୍କୁ ବିଭିନ୍ନ ମାର୍ଗରେ ସେବା କରୁଥିଲେ, କିନ୍ତୁ ଦ୍ୱିତୀୟ ଦଳ, ଯେଉଁମାନେ ବହୁସଂଖ୍ୟକ ଥିଲେ ସେମାନେ କେବଳ ଉପାସନାରେ ଯୋଗଦେଉଥିଲେ, ଅନ୍ୟ କିଛି କାର୍ଯ୍ୟ କରୁ ନ ଥିଲେ । ଦ୍ୱିତୀୟ ଦଳରେ ଥିଲେ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଚାକିରୀ ଓ ବୃତ୍ତି ଥିବା ଲୋକମାନେ । ସେମାନେ କୌଣସି ସେବାକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ରାଜି ନ ଥିଲେ କାରଣ ସେମାନେ ସେମାନଙ୍କ କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ରହୁଥିଲେ ବୋଲି ମନେ କରୁଥିଲେ । ମୁଁ ଆଶ୍ଚର୍ଯ୍ୟ ହେଲି କାହିଁକି ଏହି ଉପାସକମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ସେବାକାର୍ଯ୍ୟରେ ସାମିଲ ହେବାକୁ ଚାହୁଁ ନାହାନ୍ତି ? ଏହି ସମୟରେ ହିଁ ମୋ ମଧ୍ୟରେ ଏକ ଦୃଢ଼ସଂକଳ୍ପ ଜାତ ହେଲା । ମୁଁ ସଙ୍କଳ୍ପବଦ୍ଧ ହୋଇଥିଲି ଯେ ମୁଁ ମୋର ଜୀବନ-ଦ୍ୱାରା ଲୋକମାନଙ୍କୁ ଦେଖାଇବି ଯେ ଜଣେ ଚାକିରୀ ବା ଅନ୍ୟବୃତ୍ତିରେ ଥାଇ, "ସାଧାରଣ ଜୀବନ ଯାପନ" କରି ସୁଦ୍ଧା ଈଶ୍ୱରଙ୍କର ସେବା କରିପାରିବ । ତେଣୁ ମୁଁ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ, ସେମିନାରୀରେ ପଢ଼ା କରିବାକୁ ଆଉ ଇଚ୍ଛୁକ ହୋଇ ନ ଥିଲି, ତା' ପରିବର୍ତ୍ତେ ମୋ ଜୀବନରେ ମୁଁ ଯେଉଁ ନୂତନ ଉଦ୍ଦେଶ୍ୟ ପୋଷଣ କରିଥିଲି ସେ ଦିଗରେ ଅଗ୍ରସର ହେବାକୁ ଚାହିଁଲି ।

ଏହି ସମୟରେ, ଈଶ୍ୱର ମୋ' ହୃଦୟରେ ଏକ ବାଞ୍ଛା ଦେଇଥିଲେ ଯେ ବାଙ୍ଗାଲୁରୁ ନଗରରେ ଏକ ଦୃଢ଼ ମଣ୍ଡଳୀ ସ୍ଥାପନ କରିବାକୁ ହେବ ଏବଂ ସେଠାରୁ ଭାରତ ଦେଶରେ ପହଞ୍ଚିବାକୁ ଓ ପୃଥିବୀର ବିଭିନ୍ନ ରାଷ୍ଟ୍ରକୁ ପ୍ରଭାବିତ କରିବାକୁ ହେବ । ତେଣୁ ମୁଁ ଦ୍ୱାଦଶ ଶ୍ରେଣୀ ପଢ଼ି ଉତ୍ତୀର୍ଣ୍ଣ ହେଲି ଓ ମୋର ପିତାମାତା ମୋତେ ମଣିପାଲ୍‌ର ଏକ ଇଞ୍ଜିନିଅରିଂ କଲେଜକୁ ପଠାଇଲେ । ସେତେବେଳେ ମୁଁ ପଢ଼ାକୁ ଆଉ ବୋଝସ୍ୱରୂପ ମନେ କଲି ନାହିଁ ଓ ମୋର ଶିକ୍ଷାଗ୍ରହଣ ସ୍ୱର୍ଗୀୟ ଯୋଜନାର ଅଂଶବିଶେଷ ବୋଲି ବୁଝିଲି । କାରଣ ମୁଁ ମୋର ପଢ଼ା ଜାରି ରଖିବା ଦ୍ୱାରା ମୁଁ ଏପରି ଏକ ସ୍ଥାନକୁ ଆସିଲି ଯେଉଁଠାରେ ମୁଁ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ଅନେକଙ୍କ ନିକଟରେ ପହଞ୍ଚିପାରିଛି ।

ମଣିପାଲ୍ ୟୁନିଭରସିଟି ପରିସରରେ ସାରା ଭାରତର ଏପରିକି ପୃଥିବୀର ବିଭିନ୍ନ ସ୍ଥାନର ଛାତ୍ରଛାତ୍ରୀ ଆସି ପଢ଼ା କରିଥାନ୍ତି । ମୁଁ ବିଶ୍ୱାସ କଲି ଯେ ଏଠାରେ ମୁଁ ପଢ଼ିବାର ଏକ

ଆତ୍ମିକ ଉଦ୍ଦେଶ୍ୟ ରହିଛି । ଇଞ୍ଜିନିୟରିଂ ପଢ଼ିବାର ତୃତୀୟ ବର୍ଷରେ ପ୍ରଭୁ ମୋତେ ସାହାଯ୍ୟ କଲେ, ଫଳରେ ଜାନୁୟାରୀ ୧୯୮୯ରେ ସେଠାରେ ଏକ ଛାତ୍ର ସହଭାଗିତା ସ୍ଥାପିତ ହେଲା । ପରେ ଏହି ସହଭାଗିତା ଏକ ମଣ୍ଡଳୀରେ ପରିଣତ ହେଲା ଓ ଆଜି ଯାଏଁ ତାହା ସକ୍ରିୟ ଅଛି । ମୋର ପାଠପଢ଼ାକୁ ମୁଁ ଏକ ବୋଝସ୍ୱରୂପ, ଏକ ଆବଶ୍ୟକ ଅସଦ୍ ବିଷୟ ବା ବନ୍ଧନ ବୋଲି ଆଉ ମନେ କରି ନ ଥିଲି । ବରଂ ଏହାକୁ ଏକ ଗାଡ଼ି, ଏକ ସ୍ୱର୍ଗୀୟ ରଣନୀତି ଓ ଭବିଷ୍ୟତ ସେବାକାର୍ଯ୍ୟ ନିମନ୍ତେ ଏକ ପ୍ରସ୍ତୁତି ପ୍ରକ୍ରିୟା ଭାବରେ ବୁଝିପାରିଥିଲି ।

ଇଞ୍ଜିନିୟରିଂ ଡିଗ୍ରୀ ହାସଲ କଲାପରେ ମୁଁ ପଢ଼ା ଜାରି ରଖିବାକୁ ଚାହିଁଥିଲି । ମୋର ପିତାମାତ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାଇ ଉଚ୍ଚ ଶିକ୍ଷା ପ୍ରାପ୍ତ ହେବାର ବ୍ୟବସ୍ଥା କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ସର୍ବଶ୍ରେଷ୍ଠ ତିନୋଟି ୟୁନିଭରସିଟି ମଧ୍ୟରେ ଅନ୍ୟତମ କ୍ଲିଭଲେଣ୍ଡ ଓହିଓରେ ଥିବା ୟୁନିଭରସିଟିର ଇଞ୍ଜିନିୟରିଂ ବିଭାଗରେ ମୁଁ ନାମ ଲେଖାଇଲି । ଈଶ୍ୱରଙ୍କ ଅନୁଗ୍ରହରୁ ଦ୍ୱିତୀୟ ସେମିଷ୍ଟାର୍ ବେଳକୁ ଦୁଇ ତୃତୀୟାଂଶ ଆର୍ଥିକ ସହାୟତା ଏବଂ ତୃତୀୟ ସେମିଷ୍ଟାର ଓ ପରବର୍ତ୍ତୀ ସେମିଷ୍ଟାର୍‌ଗୁଡ଼ିକରେ ପୂର୍ଣ୍ଣ ଆର୍ଥିକ ସହାୟତା ପାଇଥିଲି ।

ୟନିଭର୍‌ସିଟିରେ ଅଧ୍ୟୟନ ଓ ଗବେଷଣା କରୁଥିବା ସମୟରେ, ମୁଁ ସେଠାରେ ଏକ କ୍ଷୁଦ୍ର ଆନ୍ତର୍ଜାତିକ ଛାତ୍ର ସହଭାଗିତା ଆରମ୍ଭ କଲି ଯେଉଁଠାରେ ଭାରତ, ଇଣ୍ଡୋନେସିଆ ଓ ମାଲେସିଆରୁ ଆସିଥିବା ଛାତ୍ରମାନେ ଯୋଗ ଦେଉଥିଲେ । ଏହାପରେ ମୁଁ ନ୍ୟୁ ଜର୍ସିକୁ ଚାଲିଗଲି ଓ ସେଠାରେ କୋରିଆ ଖ୍ରୀଷ୍ଟୀୟ ସହଭାଗିତାରେ ସାମିଲ ହେଲି । ସେଠାରେ ୨୦୦ ଜଣ ଛାତ୍ର ଯୋଗ ଦେଇଥିଲେ । କୋରିଆର ଛାତ୍ରମାନେ ଯେପରି ପ୍ରଗାଢ଼ ଭାବରେ ପ୍ରାର୍ଥନା କରୁଥିଲେ ତାହା ମୋତେ ଆଚମ୍ଭିତ କରିଥିଲା । ଏହି ସମୟରେ ମଧ୍ୟ ମୁଁ ୟୁନିଭର୍‌ସିଟି ପରିସର ନିକଟରେ ଥିବା ଏକ ଆଫ୍ରିକୀୟ-ଆମେରିକୀୟ ମଣ୍ଡଳୀରେ ନିୟମିତ ସେବାକାର୍ଯ୍ୟ କରୁଥିଲି । ଏହି ମଣ୍ଡଳୀରେ ମୁଁ ପ୍ରତ୍ୟେକ ବୁଧବାର ରାତ୍ରିରେ ବର୍ଷେରୁ ଅଧିକ ସମୟ ଶିକ୍ଷାଦାନ କରିଥିଲି ଏବଂ ସେମାନଙ୍କ ରବିବାର ସେବାଗୁଡ଼ିକରେ ଓ ତମ୍ବୁ ମିଟିଂ ସବୁରେ ମଧ୍ୟ ସମୟକୁ ସମୟ ମୁଁ ପ୍ରଚାର କରୁଥିଲି ।

ଆମିଙ୍କୁ ବିବାହ କଲାପରେ ସେ ଭାରତରୁ ଆସି ମୋ ସାଙ୍ଗରେ ରହିଲେ । ମୁଁ ୟୁନିଭର୍‌ସିଟି ପଢ଼ା ସାରି ଜଣେ ସଫ୍ଟୱେର୍ ପ୍ରଫେସନାଲ୍‌ରୂପେ କାର୍ଯ୍ୟ କରିବା ଆରମ୍ଭ କଲି । ଏହି ସମୟରେ ଆମି ଓ ମୁଁ, ସ୍ପେନ୍‌ରୁ ଆସିଥିବା ଏକ ଦମ୍ପତିଙ୍କ ସହିତ ମିଶି ନ୍ୟୁ ଜର୍ସିର ନ୍ୟୁ ବ୍ରୁନ୍ସୱିକ୍‌ଠାରେ ଏକ ସ୍ପେନୀୟ ମଣ୍ଡଳୀ ସ୍ଥାପନ କଲୁ । ଏହା ଆମମାନଙ୍କ ନିମନ୍ତେ ଅତ୍ୟନ୍ତ ସମୃଦ୍ଧିକାରୀ ଅନୁଭୂତି ଥିଲା, କାରଣ ଆମେ ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଲୋକମାନଙ୍କ

ମଧ୍ୟରେ ପ୍ରତି-ସଂସ୍କୃତି ସେବାକାର୍ଯ୍ୟ କରିପାରିଥିଲୁ । ଏହା ମୋର ଭବିଷ୍ୟତ ସେବାକାର୍ଯ୍ୟ ନିମନ୍ତେ ଏକ ବଡ଼ ତାଲିମ୍ କ୍ଷେତ୍ର ଥିଲା ଏବଂ ଏହା ସମ୍ଭବ ହୋଇଥିଲା ଯେହେତୁ ମୁଁ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାଇ ଡ଼ିଗ୍ରୀ ଅଧ୍ୟୟନ କରିପାରିଥିଲି ।

୧୯୯୮ରେ ଆମେ ନ୍ୟୁ ଜେର୍ସିରୁ ଚ଼ିକାଗୋକୁ ଚାଲିଯାଇଥିଲୁ । ୧୯୯୯ରେ ମୁଁ ସେବାକାର୍ଯ୍ୟ ଉଦ୍ଦେଶ୍ୟରେ ଭାରତକୁ ଆସିଥିବାବେଳେ ମୋର ହୃଦ୍‌ବୋଧ ହେଲା ଯେ ଭାରତକୁ ଫେରିଆସି ଆମମାନଙ୍କ ହୃଦୟରେ ଥିବା ଦର୍ଶନକୁ ଆଗକୁ ନେବାର ଏହା ଉପଯୁକ୍ତ ସମୟ । ତେଣୁ ଆମେ ଜାନୁୟାରୀ ୨୦୦୧ରେ ବାଙ୍ଗାଲୁରୁ ଫେରି ଆସିବୁ ବୋଲି ସ୍ଥିର କଲୁ । ଚ଼ିକାଗୋରୁ ବାଙ୍ଗାଲୁରୁ ଫେରି ଆସିବା ପାଇଁ ପ୍ରସ୍ତୁତ ହେବା ସମୟରେ ଆମର ଚ଼ିନ୍ତା ଥିଲା ଭାରତରେ କିପରି ସେବାକାର୍ଯ୍ୟ କରାଯିବ । ଚ଼ିକାଗୋର ଏକ କ୍ଷୁଦ୍ର ମଣ୍ଡଳୀରେ ଆମେ ଉପାସନା କରୁଥିଲୁ । ଆମର ଯେଉଁ ବଡ଼ ଦର୍ଶନ ରହିଥିଲା ତାକୁ କାର୍ଯ୍ୟକାରୀ କରିବାକୁ ହେଲେ ବିପୁଳ ଅର୍ଥ ଆବଶ୍ୟକ ଥିଲା ଯାହାକୁ ଏହି ମଣ୍ଡଳୀ କେବେ ହେଲେ ଯୋଗାଇ ପାରି ନ ଥାନ୍ତେ । ମୁଁ ପ୍ରଭୁଙ୍କର ଅନ୍ୱେଷଣ କରୁ କରୁ, ମୁଁ ମୋର ହୃଦୟରେ ସ୍ପଷ୍ଟରୂପେ ଅନୁଭବ କଲି ଯେ ମୁଁ ଫେରିଆସିବା ପରେ ମଧ୍ୟ ସଫ୍ଟୱେର୍ କ୍ଷେତ୍ରରେ କାର୍ଯ୍ୟ ଜାରି ରଖିବା ପ୍ରଭୁଙ୍କର ଇଚ୍ଛା ଅଟେ । ମୋର ସଫ୍ଟୱେର୍ କ୍ୟାରିଅର୍‌କୁ ଛାଡ଼ିଦେବା ବିଷୟରେ ପ୍ରଭୁଙ୍କଠାରୁ ମୁଁ କୌଣସି ନିର୍ଦ୍ଦେଶ ପାଇ ନ ଥିଲି । ଆମେରିକାରେ ରହୁଥିବା ବେଳେ ମୋ ମନରେ ଏହି ଭାବନା ଜାଗରିତ ହୋଇଥିଲା ଯେ ମୁଁ ଖ୍ରୀଷ୍ଟୀୟ ନୀତିସବୁ ଉପରେ ପରିଚାଳିତ ବ୍ୟବସାୟ କରିବାର ଏକ କମ୍ପାନୀ ଆରମ୍ଭ କରିବି ଯାହା ଈଶ୍ୱରଙ୍କ ରାଜ୍ୟର କାର୍ଯ୍ୟ ନିମନ୍ତେ ଅର୍ଥ ଉପାର୍ଜନ କରିବ । ଏହି ଚ଼ିନ୍ତାଧାରା ମୋ ହୃଦୟରେ ଅନେକ ଦିନ ଧରି ରହିଥିଲା, କିନ୍ତୁ ମୁଁ ଜାଣି ନ ଥିଲି କିପରି ଓ କେବେ ଏହା କାର୍ଯ୍ୟକାରୀ ହେବ ।

ଶେଷରେ ଭାରତକୁ ଫେରିଯିବାର ସମୟ ଆସି ପହଞ୍ଚିଲା । ଡିସେମ୍ବର ୨୦୦୦ରେ ଆମେ ଏହି ଦର୍ଶନ ନେଇ ଆମେରିକା ଛାଡ଼ିଲୁ ଯେ ଆମେ ଆମ ଦେଶରେ ସୁସମାଚାର ପହଞ୍ଚାଇ ପାରିବୁ- କିନ୍ତୁ ଆମେ ଜାଣି ନ ଥିଲୁ ଏହି ସେବାକାର୍ଯ୍ୟ ଆଗେଇ ନେବା ପାଇଁ ଏତେ ଅର୍ଥ କୁଆଡୁ ଆସିବ । ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଆମର ସେବାକାର୍ଯ୍ୟ ରହିଥିଲା ଓ ସେଠାର କେତେକ ବନ୍ଧୁ ଆମକୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ, କିନ୍ତୁ ଯେଉଁସବୁ ଦାନ ଆମେ ପାଉଥିଲୁ ତାହା ଆମର ବିଶାଳ ଦର୍ଶନକୁ ଆଗେଇନେବା ପାଇଁ ଆଦୌ ଯଥେଷ୍ଟ ନ ଥିଲା ।

ବାଙ୍ଗାଲୁରୁରେ ପହଞ୍ଚିବା ପରେ, ଈଶ୍ୱର ଆମକୁ ଅନୁଗ୍ରହ କଲେ ଓ ଆମେ ଜାନୁୟାରୀ ୨୦୦୧ରେ ଏକ ସଫ୍ଟୱେର୍ ସେବା ପ୍ରଦାନକାରୀ କମ୍ପାନୀ ଆରମ୍ଭ କଲୁ । ଫେବୃୟାରୀ ୨୦୦୧ରେ ଆମେ ଆମର ଏକ ମଣ୍ଡଳୀ ଆରମ୍ଭ କଲୁ । ମୋ ପିତାଙ୍କ ଗୃହର ଏକ କୋଠରୀରେ ତାହା କରାଯାଉଥିଲା । ଆମର ସଫ୍ଟୱେର୍ କମ୍ପାନୀରୁ ଯାହା ଦଶମାଂଶ ମିଳୁଥିଲା ତଦ୍ୱାରା ଆମେ ଅନେକ କିଛି କରିଥିଲୁ- ଏକ ହଲ୍‌କୁ ଭଡାରେ ନେଲୁ, ଆମର ଆବଶ୍ୟକୀୟ ସରଞ୍ଜାମ କିଣିଲୁ, ପୁସ୍ତକସବୁ ଛାପିଲୁ ଓ ମାଗଣାରେ ବଣ୍ଟନ କଲୁ, କେବୁଲ୍ ଟିଭି ସଂଯୋଗ କଲୁ ଓ ଅନ୍ୟାନ୍ୟ ସେବାକାର୍ଯ୍ୟଗୁଡ଼ିକୁ ମଧ୍ୟ ସାହାଯ୍ୟ କଲୁ । ଆମର ଦର୍ଶନ ବିଶାଳ ଥିଲା ଓ ଅର୍ଥାଭାବ ଯୋଗୁଁ ଆମେ ବାନ୍ଧି ହୋଇ ରହି ନ ଥିଲୁ । ଅନେକ ବିଷୟ ଆରମ୍ଭ କରିବା ପାଇଁ ଆମେ ଯଥେଷ୍ଟ ଅର୍ଥ ଓ ସମ୍ବଳ ପାଉଥିଲୁ ।

ମୁଁ ପଛକୁ ଅନାଇ ଦେଖିଲେ, ଈଶ୍ୱର କିପରି ମୋର ଶିକ୍ଷା ଓ ବୃତ୍ତିକୁ ବ୍ୟବହାର କରି ସେବାକାର୍ଯ୍ୟ ନିମନ୍ତେ ମୋତେ ପ୍ରସ୍ତୁତ କରିଥିଲେ ତାହା ମୁଁ ଦେଖିପାରେ । ପ୍ରଭୁଙ୍କ କାର୍ଯ୍ୟକୁ ଆଗେଇ ନେବାକୁ ମୋର ଶିକ୍ଷା ଓ ବୃତ୍ତି ମୋ' ନିମନ୍ତେ ସୁଯୋଗ ସୃଷ୍ଟି କରିଥିଲା । ନିଃସନ୍ଦେହରେ ମୁଁ କହିବି ଯେ କାର୍ଯ୍ୟ ଏକ ଗାଡ଼ିସଦୃଶ, ସ୍ୱର୍ଗୀୟ ରଣନୀତିର ଏକ ଅଂଶସ୍ୱରୂପ ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟକୁ ଆଗକୁ ନେଇଯାଇଥାଏ । ଈଶ୍ୱର ଯାହା ଚାହିଁଥାନ୍ତି ତାହା ଯଦି ଆପଣ କରୁଛନ୍ତି, ଆପଣଙ୍କ କାର୍ଯ୍ୟ ଏକ ପ୍ରତିବନ୍ଧକ ବା ଏକ ବନ୍ଧନ ବା ଏକ ଅପରିହାର୍ଯ୍ୟ ମନ୍ଦ ବିଷୟ ହୋଇ ନଥାଏ । ଯଦି ଈଶ୍ୱର ଆପଣଙ୍କୁ କାର୍ଯ୍ୟ କରିବାକୁ ଆହ୍ୱାନ କରୁଛନ୍ତି, କାର୍ଯ୍ୟକୁ ଏକ ଅପରିହାର୍ଯ୍ୟ ମନ୍ଦ ବିଷୟ, ବନ୍ଧନ ବା ପ୍ରତିବନ୍ଧକ ମନେ କରନ୍ତୁ ନାହିଁ । ପୃଥିବୀରେ ଈଶ୍ୱରଙ୍କ ରାଜ୍ୟବୃଦ୍ଧି କରିବା ପାଇଁ ଆପଣଙ୍କ ଜୀବନ ନିମନ୍ତେ ଏକ ସ୍ୱର୍ଗୀୟ ରଣନୀତି ଭାବରେ ଏହାକୁ ଦେଖନ୍ତୁ ।

**ବିଶ୍ୱାସୀମାନଙ୍କୁ କାର୍ଯ୍ୟ କରିବାକୁ ଆଦେଶ ଦିଆଯାଇଛି**

ନିଜ ହାତରେ କାର୍ଯ୍ୟ କରନ୍ତୁ

ପରିବାରର ଯତ୍ନତତ୍ତ୍ୱ ନିଅନ୍ତୁ ।

## ୫

# ସାତୋଟି ଯଥାର୍ଥ ଦୃଷ୍ଟିକୋଣ

ଏଫିସୀୟ ୬:୫-୧୦
୫ ହେ ଦାସମାନେ, ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ଆଜ୍ଞାବହ ଅଟ, ସେହିପରି ଭୟ ଓ କମ୍ପ ସହ
ହୃଦୟର ସରଳତାରେ ତୁମ୍ଭମାନଙ୍କ ଜାଗତିକ କର୍ତ୍ତାମାନଙ୍କର ଆଜ୍ଞାବହ ହୁଅ,
୬ ମନୁଷ୍ୟକୁ ସନ୍ତୁଷ୍ଟ କଲା ପରି ଦୃଷ୍ଟି ଆଗରେ ତାହା କର ନାହିଁ, କିନ୍ତୁ ଖ୍ରୀଷ୍ଟଙ୍କ ଦାସ ପରି ଅନ୍ତର
ସହ ଈଶ୍ୱରଙ୍କ ଇଚ୍ଛା ସାଧନ କର ।
୭ ସ୍ୱାଧୀନ କି ପରାଧୀନ, ଯେକେହି କୌଣସି ସତ୍‌କର୍ମ କରେ, ସେ ଯେ ପ୍ରଭୁଙ୍କଠାରୁ ସେଥିର
ପୁରସ୍କାର ପାଇବ,
୮ ଏହା ଜାଣି ମନୁଷ୍ୟର ସେବା କଲା ପରି ନୁହେଁ, ମାତ୍ର ପ୍ରଭୁଙ୍କ ସେବା କଲା ପରି ସ୍ୱଚ୍ଛନ୍ଦରେ
ସେବା କର ।
୯ ଆଉ ହେ କର୍ତ୍ତାମାନେ, ସେହିପରି ଭାବେ ସେମାନଙ୍କ ପ୍ରତି ବ୍ୟବହାର କର, ତର୍ଜ୍ଜନଗର୍ଜ୍ଜନ
କରିବାରୁ ନିବୃତ୍ତ ହୁଅ, ସେମାନଙ୍କ ଓ ତୁମ୍ଭମାନଙ୍କ, ଉଭୟଙ୍କର ପ୍ରଭୁ ଯେ ସ୍ୱର୍ଗରେ ଅଛନ୍ତି, ପୁଣି
ତାହାଙ୍କ ନିକଟରେ କୌଣସି ମୁଖାପେକ୍ଷା ନାହିଁ, ଏହା ଜାଣ ।
୧୦ ଶେଷ କଥା ଏହି, ପ୍ରଭୁଙ୍କଠାରୁ ଶକ୍ତି ପ୍ରାପ୍ତ ହୋଇ ତାହାଙ୍କ ପରାକ୍ରମରେ ବଳବାନ୍ ହୁଅ ।

କଲସୀୟ ୩:୨୨-୨୫
୨୨ ହେ ଦାସମାନେ, ମନୁଷ୍ୟକୁ ସନ୍ତୁଷ୍ଟ କଲା ପରି ଦୃଷ୍ଟି ଆଗରେ କର୍ମ ନ କରି ବରଂ ପ୍ରଭୁଙ୍କୁ ଭୟ
କରି ହୃଦୟର ସରଳତାରେ ସବୁ ବିଷୟରେ ତୁମ୍ଭମାନଙ୍କ ଜାଗତିକ କର୍ତ୍ତାମାନଙ୍କ ଆଜ୍ଞାବହ ହୁଅ ।
୨୩ ତୁମ୍ଭେମାନେ ଯାହା କିଛି କର, ପ୍ରଭୁଙ୍କ ନିମନ୍ତେ କଲା ପରି ଅନ୍ତର ସହ ତାହା କର, ମନୁଷ୍ୟ
ନିମନ୍ତେ କଲା ପରି କର ନାହିଁ;
୨୪ ପ୍ରଭୁଙ୍କଠାରୁ ଉତ୍ତରାଧିକାରରୂପ ପୁରସ୍କାର ଯେ ପାଇବ, ଏହା ତ ତୁମ୍ଭେମାନେ ଜାଣ ।
ତୁମ୍ଭେମାନେ ପ୍ରଭୁ ଖ୍ରୀଷ୍ଟଙ୍କର ସେବା କର,
୨୫ କାରଣ ଯେ ଅନ୍ୟାୟ କରେ, ସେ ଆପଣା ଅନ୍ୟାୟର ପ୍ରତିଫଳ ପାଇବ; ସେ ବିଷୟରେ
କୌଣସି ମୁଖାପେକ୍ଷା ନାହିଁ ।

ଏହି ଦୁଇଟି ଶାସ୍ତ୍ରାଂଶରେ ପ୍ରାୟ ସମାନ ଶିକ୍ଷା ରହିଛି । ଏହି ଦିନମାନଙ୍କରେ କର୍ତ୍ତା ଓ ଦାସ ସମ୍ପର୍କୀୟ ଧାରଣା ଆଉ ନାହିଁ । ତେବେ, 'କର୍ତ୍ତା' ଓ 'ଦାସ' କହିଲେ ଆମେ 'ନିଯୁକ୍ତିଦାତା'

ଓ 'କର୍ମଚ଼ାରୀ' ଭାବରେ ବୁଝିବାକୁ ହେବ, ତଦ୍ଵାରା ଆମର ଦିନରେ ଏହା ପ୍ରାସଙ୍ଗିକ ହେବ ।

## ପାଉଲ କାର୍ଯ୍ୟ ସମ୍ବନ୍ଧୀୟ ସାତୋଟି ଦୃଷ୍ଟିକୋଣ ଉପସ୍ଥାପନ କରନ୍ତି

ପାଉଲ କହନ୍ତି ଯେ କର୍ମଚାରୀ ଭାବରେ ଆମେ ଆମ ନିଯୁକ୍ତିଦାତାମାନଙ୍କର ଆଜ୍ଞାବହ ହେବାକୁ ହେବ । ଏହାର ଅର୍ଥ ଆମେ ନିର୍ଦ୍ଦେଶାବଳୀର ଅନୁସରଣ କରିବା ଓ କାର୍ଯ୍ୟସ୍ଥଳର ନିୟମସବୁକୁ ମାନି ଚ଼ଳିବାକୁ ହେବ ।

ଦ୍ଵିତୀୟରେ, ଆମର ନିଯୁକ୍ତିଦାତାଙ୍କ ପ୍ରତି ଆମେ ସମ୍ମାନ ଓ ମର୍ଯ୍ୟାଦା, ଭୟ ଓ କମ୍ପ ଦେଖାଇବାକୁ ହେବ । ବିଦ୍ରୋହୀ ନ ହୋଇ ଓ ନିଯୁକ୍ତିଦାତାଙ୍କଠାରୁ ଆମେ ଅଧିକ ଜାଣିଛୁ ନ ଭାବି, କାର୍ଯ୍ୟସ୍ଥାନରେ ଆମ ଦାୟିତ୍ୱରେ ରହିଥିବା ଲୋକମାନଙ୍କ ପ୍ରତି ଆମେ ସମ୍ମାନର ସହିତ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର କରିବା ଉଚ଼ିତ ।

ତୃତୀୟରେ, ପାଉଲ ମଧ୍ୟ ଶୁଦ୍ଧତାଯୁକ୍ତ ଅଭିପ୍ରାୟ ବିଷୟରେ କହନ୍ତି- 'ହୃଦୟର ସରଳତାରେ' ବା 'ଏକାଗ୍ର ହୃଦୟରେ' । କାର୍ଯ୍ୟରେ ନିଷ୍କାପର ହେବା ଉଚିତ । 'ସରଳତା' ବା 'ଏକାଗ୍ରତା' ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦର ଅର୍ଥ 'ଛଳନା ବିହୀନ ହୋଇ ବା ସ୍ୱାର୍ଥାନ୍ୱେଷୀ ନ ହୋଇ' । ଏହାର ଅର୍ଥ ମଧ୍ୟ 'ବଦାନ୍ୟ ଭାବରେ', 'ଅକୃପଣ ଭାବରେ', 'ଉଦାର ମନରେ', 'ଅକପଟ ଭାବରେ' କାର୍ଯ୍ୟ କରିବା ।

ଚ଼ତୁର୍ଥରେ, ପାଉଲ ମଧ୍ୟ ସଚ଼େତନ ହେବା ବିଷୟରେ କହନ୍ତି, ଅର୍ଥାତ୍ କେହି ଦେଖୁ ବା ନ ଦେଖୁ ଉତ୍ତରଦାୟୀ ରହି କାର୍ଯ୍ୟ କରିବା ଆବଶ୍ୟକ । ସେ କହନ୍ତି, "ମନୁଷ୍ୟକୁ ସନ୍ତୁଷ୍ଟ କଲା ପରି ଦୃଷ୍ଟି ଆଗରେ ତାହା କର ନାହିଁ" । ଏହି ପ୍ରେରଣା ଆମେ ପାଇଥାଉ କାରଣ ଆମେମାନେ "ଖ୍ରୀଷ୍ଟଙ୍କର କର୍ମଚାରୀ" ଅଟୁ । ଆମେମାନେ ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଥମତଃ ଆମେ ଖ୍ରୀଷ୍ଟଙ୍କର କର୍ମଚାରୀ ଅଟୁ ଏବଂ ଏହାପରେ କୌଣସି କମ୍ପାନୀ ବା ଅନୁଷ୍ଠାନର କର୍ମଚାରୀ ହୋଇପାରୁ । ଆମର କାର୍ଯ୍ୟସ୍ଥଳରେ ଆମେ ଖ୍ରୀଷ୍ଟଙ୍କର କର୍ମଚାରୀ ଅଟୁ । ଆମେ ଖ୍ରୀଷ୍ଟଙ୍କର ପ୍ରତିନିଧି ଅଟୁ ଓ ଆମେ ଆମର କାର୍ଯ୍ୟ "ପ୍ରଭୁଙ୍କ ନିମନ୍ତେ କଲା ପରି କରିବା, ମନୁଷ୍ୟ ନିମନ୍ତେ କଲା ପରି କରିବା ନାହିଁ", କାରଣ ଆମେମାନେ ପ୍ରଭୁଙ୍କ ନିମନ୍ତେ କାର୍ଯ୍ୟ କରୁଅଛୁ । ଖ୍ରୀଷ୍ଟ ଯେ କି ଆମର ମୁଖ୍ୟ ନିଯୁକ୍ତିଦାତା ସେ ଆମକୁ ଦେଖୁଛନ୍ତି । ସେ ଦେଖନ୍ତି ଆମେ ଠିକ୍ ସମୟରେ କାର୍ଯ୍ୟକୁ ଯାଉଛୁ କି ନାହିଁ । ସେ ଆମର

ସମୟାନୁବର୍ତ୍ତିତା ଓ କାର୍ଯ୍ୟରେ ଆମର ଉପସ୍ଥିତି ବା ଅନୁପସ୍ଥିତିକୁ ଲକ୍ଷ୍ୟ କରିଥାନ୍ତି । ଆମେ କାର୍ଯ୍ୟରେ ଅନୁପସ୍ଥିତ ରହିବାର ପ୍ରକୃତ କାରଣ ସେ ଜାଣନ୍ତି, ଯଦିବା ଆମେ ନିଜକୁ ଅସୁସ୍ଥ ଦର୍ଶାଇ କାର୍ଯ୍ୟକୁ ନ ଆସି ଅନ୍ୟକାର୍ଯ୍ୟରେ ନିୟୋଜିତ ରହିଥାଉ । ସେ ଦେଖନ୍ତି ଆମେ କାର୍ଯ୍ୟରେ ସମୟର କିପରି ବ୍ୟବହାର କରୁ । ଆମେ କ'ଣ ପ୍ରକୃତ କାର୍ଯ୍ୟ କରୁ ବା ସମୟର ଅପଚୟ କରୁ ? ସେ ଦେଖନ୍ତି ଆମେ କିପରି ଚଞ୍ଚଳ-କାମହାସଲ ପଦ୍ଧତି ଅନୁସରଣ କରୁ ? ସେ ଦେଖନ୍ତି ଆମେ ମିଥ୍ୟା ବିବୃତି ପ୍ରଦାନ କରୁ କି, ଅସାଧୁ ରିପୋର୍ଟ ଦାଖଲ କରିଥାଉ କି, ଇତ୍ୟାଦି ।

ପଞ୍ଚମରେ, ପାଉଲ କହନ୍ତି ଯେ ଆମେ "ଅନ୍ତର ସହ ଈଶ୍ୱରଙ୍କ ଇଚ୍ଛା ସାଧନ" କରିବାପରି ବା "ପ୍ରଭୁଙ୍କ ନିମନ୍ତେ କଲାପରି ଅନ୍ତର ସହ" କାର୍ଯ୍ୟ କରିବା ଉଚିତ । ଆମକୁ ଦିଆଯାଇଥିବା କାର୍ଯ୍ୟକୁ ପୂର୍ଣ୍ଣପ୍ରାଣରେ ଅନ୍ତର ସହ କରିବା ଆବଶ୍ୟକ । ଉଦାସୀନ ହୋଇ କାର୍ଯ୍ୟ କରନ୍ତୁ ନାହିଁ । ପୂର୍ଣ୍ଣପ୍ରାଣରେ କାର୍ଯ୍ୟ କରନ୍ତୁ । ଯଥାସାଧ୍ୟ ଚେଷ୍ଟା କରି କରନ୍ତୁ । ଯୀଶୁଙ୍କ ନିମନ୍ତେ କଲା ପରି ଏହା କରନ୍ତୁ ।

ଷଷ୍ଠରେ, ପାଉଲ କହନ୍ତି "ସ୍ୱଚ୍ଛନ୍ଦରେ ସେବା କର" । ଆପଣଙ୍କ କାର୍ଯ୍ୟ ଆନନ୍ଦରେ କରନ୍ତୁ, ଆପତ୍ତି ଓ ଅଭିଯୋଗ ନ କରି କରନ୍ତୁ । ୭ ପଦର ଏକ ଭାବାନୁବାଦ ଏହିପରି: "ହସହସ ମୁଖରେ କାର୍ଯ୍ୟ କର । ସବୁବେଳେ ମନେରଖ, ଆଦେଶ ଯେ ଦିଅନ୍ତୁ ନା କାହିଁକି, ପ୍ରକୃତରେ ତୁମେ ଈଶ୍ୱରଙ୍କ ସେବା କରୁଛ ।"

ଶେଷରେ, ପାଉଲ କହନ୍ତି, "ତୁମର ପୁରସ୍କାର ପାଇଁ ପ୍ରଭୁଙ୍କ ଆଡ଼କୁ ଅନାଅ" । ଯେହେତୁ ଖ୍ରୀଷ୍ଟ ଆପଣଙ୍କର ପ୍ରକୃତ ନିଯୁକ୍ତିଦାତା, ଆପଣ ସେତେବେଳେ ଯଥାସାଧ୍ୟ ଉଦ୍ୟମ କରି କାର୍ଯ୍ୟ କରିଛନ୍ତି, ତେବେ ନିଶ୍ଚିତ ହୁଅନ୍ତୁ ଯେ ସେ ଆପଣଙ୍କୁ ପୁରସ୍କୃତ କରିବାରେ ବିଶ୍ୱସ୍ତ ଅଟନ୍ତି । ଯଦି ପୁରସ୍କାର ନିମନ୍ତେ ପ୍ରଭୁଙ୍କ ଆଡ଼କୁ ଅନାଉଛନ୍ତି, ତେବେ ଜଗତର ରୀତିନୀତି ଅନୁସାରେ ଆଚରଣ କରନ୍ତୁ ନାହିଁ । ଜଗତର ଲୋକମାନେ କାର୍ଯ୍ୟ ସ୍ଥାନରେ ଆଗରେ ରହିବା ପାଇଁ 'ଠେଲାପେଲା' ନୀତି ଅବଲମ୍ବନ କରିଥାନ୍ତି । କିନ୍ତୁ, ବିଶ୍ୱାସୀଭାବରେ, ଆମେ ଶାନ୍ତ, ଆରାମରେ, ଉତ୍ତମ ହୃଦୟରେ ଯଥାସାଧ୍ୟ ଉଦ୍ୟମ କରି କାର୍ଯ୍ୟ କରିଥାଉ । ସ୍ୱର୍ଗସ୍ଥ ପରମେଶ୍ୱର ଆମକୁ ପୁରସ୍କୃତ କରିବେ । ଯଦି କାର୍ଯ୍ୟସ୍ଥାନରେ ଈଶ୍ୱର ଆମକୁ ପଦୋନ୍ନତି ଦେବାକୁ ସ୍ଥିର କରିବେ, କୌଣସି ମନୁଷ୍ୟ ତାହା ଅଟକାଇ ପାରିବେ ନାହିଁ । ଏବଂ ମନେ ରଖନ୍ତୁ ଯେ ଆପଣ ଆଗାମୀ ଜଗତରେ ମଧ୍ୟ କାର୍ଯ୍ୟ ସମ୍ପର୍କୀୟ ପୁରସ୍କାର

ଲାଭ କରିବେ । ଆପଣ ସ୍ୱର୍ଗଲୋକରେ ଆପଣଙ୍କ ଉତ୍ତରାଧିକାରର ପୂର୍ଣ୍ଣ ପୁରସ୍କାର ଲାଭ କରିବେ ।

**²² ହେ ଦାସମାନେ, ସବୁ ବିଷୟରେ ତୁମ୍ଭର ଜାଗତିକ ମୁନିବମାନଙ୍କର ଆଜ୍ଞା ପାଳନ କର, କେବଳ ଦେଖିଥିଲା ବେଳେ ସେମାନଙ୍କର ଅନୁଗ୍ରହ ଲାଭ କରିବାକୁ ନୁହେଁ, ମାତ୍ର ଆନ୍ତରିକ ଭାବରେ ଏବଂ ପ୍ରଭୁଙ୍କ ପ୍ରତି ଭୟଭକ୍ତି ସହକାରେ ତାହା କର । ²³ ତୁମ୍ଭେମାନେ ଯାହା କିଛି କର, ମନୁଷ୍ୟ ପାଇଁ ନ କରି ପ୍ରଭୁଙ୍କ ପାଇଁ କଲା ପରି ଆନ୍ତରିକ ଭାବେ କାର୍ଯ୍ୟ କର । ²⁴ କାରଣ ତୁମ୍ଭେମାନେ ଜାଣିଛ ଯେ ପ୍ରଭୁଙ୍କଠାରୁ ପୁରସ୍କାର ସ୍ୱରୂପେ ଏକ ଉତ୍ତରାଧିକାର ପାଇବ । ତୁମ୍ଭେମାନେ ତ ପ୍ରଭୁ ଖ୍ରୀଷ୍ଟଙ୍କର ସେବା କରୁଛ । ²⁵ ଯେ ଅନ୍ୟାୟ କରେ, ସେ ତା'ର ଅନ୍ୟାୟର ପ୍ରତିଫଳ ପାଇବ ଓ ଏ ବିଷୟରେ କୌଣସି ପକ୍ଷପାତିତା ନାହିଁ" *(କଲସୀୟ ୩:୨୨-୨୫ - ନୂତନ ଓଡ଼ିଆ ବାଇବଲ)***

## ପୂର୍ଣ୍ଣ-ସମୟ କାର୍ଯ୍ୟକାରୀମାନଙ୍କୁ ପଦେ

ଥରେ ଜଣେ ପାଳକ ମୋତେ ପଚାରିଲେ ମୁଁ ଅଫିସରେ କେତେ ସମୟ କାର୍ଯ୍ୟ କରେ । ମୁଁ କହିଲି ସପ୍ତାହରେ ନିୟମିତ ଯେତିକି କାର୍ଯ୍ୟ କରିବା କଥା କରେ, ୪୦ ରୁ ୫୦ ଘଣ୍ଟା କାର୍ଯ୍ୟ କରେ । ସେ ଆଶ୍ଚର୍ଯ୍ୟ ହୋଇ କହିଲେ ଯେ ଜଣେ ପୂର୍ଣ୍ଣ-ସମୟ ପାଳକ ଭାବରେ ସେ ବେଳେବେଳେ ଚାରିଘଣ୍ଟା ମଧ୍ୟ କାର୍ଯ୍ୟ କରି ନ ଥାନ୍ତି ।

ମୋର ଦୃଢ଼ ବିଶ୍ୱାସ ଯେ ପୂର୍ଣ୍ଣ-ସମୟ କାର୍ଯ୍ୟକାରୀମାନେ- ପାଳକ, ସୁସମାଚାର ପ୍ରଚାରକ ଓ ଅନ୍ୟାନ୍ୟ ସେବକମାନେ, ନିଶ୍ଚେ ଏକ ଜାଗତିକ ଚାକିରୀର କାର୍ଯ୍ୟ ନୀତିସମୂହ ଓ କାର୍ଯ୍ୟ ଶୃଙ୍ଖଳା ଅନୁସରଣ କରିବାକୁ ହେବ । ଅନ୍ତତଃ ଦୈନିକ ଆଠ ଘଣ୍ଟା, ସପ୍ତାହରେ ଅନ୍ତତଃ ୪୦ ଘଣ୍ଟା । ଆପଣ ସେବାକାର୍ଯ୍ୟ କରନ୍ତୁ । ଉତ୍ତମ କାର୍ଯ୍ୟ ଅଭ୍ୟାସ ବଜାୟ ରଖିବା ପାଇଁ ଶୃଙ୍ଖଳିତ ହୁଅନ୍ତୁ ।

### କାର୍ଯ୍ୟପ୍ରତି ଯଥାର୍ଥ ଦୃଷ୍ଟିକୋଣ

ଆଜ୍ଞା ପାଳକ, ସମ୍ମାନ ପ୍ରଦର୍ଶନ, ଯଥାର୍ଥ ଉଦ୍ଦେଶ୍ୟ, ସାଧୁତା, ଯଥାସାଧ୍ୟ ଉଦ୍ୟମ, ସ୍ୱଚ୍ଛନ୍ଦମନ, ସ୍ୱର୍ଗୀୟ ପୁରସ୍କାର

## ୬

# ଆପଣଙ୍କ କାର୍ଯ୍ୟ ସମ୍ପର୍କରେ ପ୍ରତିଜ୍ଞାସମୂହ

ଧର୍ମଶାସ୍ତ୍ରରେ କାର୍ଯ୍ୟ ସମ୍ବନ୍ଧୀୟ ଅନେକ ପ୍ରତିଜ୍ଞା ରହିଛି । ଗତ ଅଧ୍ୟାୟରେ ଆମେ ଦେଖିଛୁ ଯେ ଆମେ ଯେଉଁ କାର୍ଯ୍ୟ କରୁ ଈଶ୍ୱର ତା'ର ପୁରସ୍କାର ଦେବେ । ସେହି ପୁରସ୍କାରର କିଛି ଅଂଶ ବର୍ତ୍ତମାନ ସମୟରେ ଆମକୁ ଦିଆଯାଏ ଏବଂ ଅନ୍ୟଅଂଶକୁ ଆମେ ପ୍ରଭୁଙ୍କୁ ସ୍ୱର୍ଗରେ ଭେଟିଲେ ସେ ଆମକୁ ପୁରସ୍କୃତ କରିବେ । ପୃଥିବୀରେ ରହିଥିବା ସମୟରେ ଆମେ ଯେଉଁ ପୁରସ୍କାର ପାଇବା ସେ ସମ୍ପର୍କରେ ନିମ୍ନରେ କେତେକ ପ୍ରତିଜ୍ଞା ଉଦ୍ଧୃତ କରାଯାଇଛି ।

### ଆପଣଙ୍କ ହସ୍ତର ସମସ୍ତ କାର୍ଯ୍ୟରେ ଆଶୀର୍ବାଦ

ଦ୍ୱିତୀୟ ବିବରଣ ୨୮ :୮

**ସଦାପ୍ରଭୁ ତୁମ୍ଭ ଅମାରରେ ଓ ଯେ ଯେ କର୍ମରେ ତୁମ୍ଭେ ହସ୍ତ ଦେବ, ସେସବୁରେ ଆଶୀର୍ବାଦପ୍ରାପ୍ତି ଆଜ୍ଞା କରିବେ; ପୁଣି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ତହିଁରେ ସେ ତୁମ୍ଭକୁ ଆଶୀର୍ବାଦ କରିବେ ।**

ଦ୍ୱିତୀୟ ବିବରଣ ୨୮ :୧୨

**ସଦାପ୍ରଭୁ ଯଥାସମୟରେ ତୁମ୍ଭ ଭୂମିରେ ବୃଷ୍ଟି ଦେବାକୁ ଓ ତୁମ୍ଭ ହସ୍ତର ସମସ୍ତ କର୍ମରେ ଆଶୀର୍ବାଦ କରିବାକୁ ଆପଣା ଆକାଶ ରୂପ ଉତ୍ତମ ଭଣ୍ଡାର ତୁମ୍ଭ ପ୍ରତି ମୁକ୍ତ କରିବେ, ତହିଁରେ ତୁମ୍ଭେ ଅନେକ ଗୋଷ୍ଠୀୟ ଲୋକମାନଙ୍କୁ ଋଣ ଦେବ, ମାତ୍ର ତୁମ୍ଭେ ଋଣ ନେବ ନାହିଁ ।**

ପୁରାତନ ନିୟମରେ ଈଶ୍ୱରଙ୍କ ଲୋକମାନଙ୍କୁ ଏସବୁ ପ୍ରତିଜ୍ଞା ଦିଆଯାଇଥିଲା । ପୁରାତନ ନିୟମର ଈଶ୍ୱର ନୂତନ ନିୟମର ମଧ୍ୟ ଈଶ୍ୱର ଅଟନ୍ତି । ନିୟମର ପରିବର୍ତ୍ତନ ଘଟିଛି, କିନ୍ତୁ ନିୟମରକ୍ଷାକାରୀ ଈଶ୍ୱର, ତାଙ୍କର ହୃଦୟ ଓ ତାହାଙ୍କ ଲୋକମାନଙ୍କୁ ଆଶୀର୍ବାଦ କରିବାର ତାଙ୍କର ସାମର୍ଥ୍ୟ ବଦଳି ଯାଇନାହିଁ । ତେଣୁ, ନିଃସନ୍ଦେହରେ, ଆମେ ଆଶା କରିବା ଯେ ଆମମାନଙ୍କ ଈଶ୍ୱର ଆମର ହସ୍ତର ସମସ୍ତ କାର୍ଯ୍ୟରେ ଆମକୁ ଆଶୀର୍ବାଦ କରିବେ । ଆଶା ରଖନ୍ତୁ ଯେ ଈଶ୍ୱର ଆପଣଙ୍କ ଚାକିରୀରେ ଆପଣଙ୍କୁ ଆଶୀର୍ବାଦ କରିବେ । ପ୍ରତିଦିନ ଯେତେବେଳେ ଆପଣ କାର୍ଯ୍ୟସ୍ଥାନକୁ ଯାଉଛନ୍ତି, ଆଶା କରନ୍ତୁ ଯେ ପ୍ରଭୁଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିଛି ।

## ପଦୋନ୍ନତି ପ୍ରଭୁଙ୍କଠାରୁ ଆସିଥାଏ

ଦ୍ୱିତୀୟ ବିବରଣ ୨୮ :୧୩
ଆଉ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଯେ ଯେ ଆଜ୍ଞା ମାନିବାକୁ ଓ କରିବାକୁ ମୁଁ ଆଜି ତୁମ୍ଭକୁ ଆଦେଶ କରୁଅଛି, ସେସବୁ ଯେବେ ତୁମ୍ଭେ ଶୁଣିବ ଓ ମୁଁ ଆଜି ତୁମ୍ଭମାନଙ୍କୁ ଯେ ଯେ ବାକ୍ୟ ଆଜ୍ଞା କରୁଅଛି, ତୁମ୍ଭେ ତହିଁ ମଧ୍ୟରୁ କୌଣସି ବାକ୍ୟର ଦକ୍ଷିଣରେ କି ବାମରେ ଫେରି ଅନ୍ୟ ଦେବତାଗଣର ସେବା କରିବା ପାଇଁ ସେମାନଙ୍କ ଅନୁଗାମୀ ନ ହେବ ।

ଗୀତସହିଂତା ୭୫ :୬,୭
୬ କାରଣ ପୂର୍ବ ଦିଗରୁ, କି ପଶ୍ଚିମ ଦିଗରୁ, କିଅବା ଦକ୍ଷିଣ ଦିଗରୁ ଉନ୍ନତି ଆସେ ନାହିଁ ।
୭ ମାତ୍ର ପରମେଶ୍ୱର ବିଚାରକର୍ତ୍ତା ଅଟନ୍ତି; ସେ ଏକକୁ ଅବନତ ଓ ଅନ୍ୟକୁ ଉନ୍ନତ କରନ୍ତି ।

ଈଶ୍ୱର ଆପଣଙ୍କର ସପକ୍ଷ । ସେ ହିଁ ଆପଣଙ୍କ ପଦୋନ୍ନତି ନିମନ୍ତେ ସ୍ଥାନ ପ୍ରସ୍ତୁତ କରନ୍ତି । ସେ କାର୍ଯ୍ୟରେ ଆପଣଙ୍କ ପରିଶ୍ରମ ଦେଖନ୍ତି ଓ ପଦୋନ୍ନତିର ବ୍ୟବସ୍ଥା କରନ୍ତି । ଆପଣ 'ଠେଲିପେଲି', 'ସହକର୍ମୀମାନଙ୍କୁ କାଟି', ବା ନିଯୁକ୍ତିଦାତାଙ୍କୁ 'ଘୁସ୍ ଦେଇ' ପଦୋନ୍ନତି ପାଇବାକୁ ଚେଷ୍ଟା କରିବା ଦରକାର ନାହିଁ । କଠିନ ପରିଶ୍ରମ କରନ୍ତୁ, ଯଥାସାଧ୍ୟ ଉଦ୍ୟମ କରି କାର୍ଯ୍ୟ କରନ୍ତୁ ଓ ଆଶା ରଖନ୍ତୁ ଯେ ଈଶ୍ୱର ଆପଣଙ୍କ ପଦୋନ୍ନତିର ମାର୍ଗ ଖୋଲିଦେବେ । ମୋର ମନେପଡ଼େ ଯେ ଚିକାଗୋର ଏକ ସଫ୍ଟୱେର କମ୍ପାନୀରେ ମୁଁ କାର୍ଯ୍ୟ କଲାବେଳେ, ମୁଁ ହତାଶ ହୋଇ ଯାଇଥିଲି । ମୁଁ ପ୍ରାର୍ଥନା କରୁଥିଲି, "ପ୍ରଭୁ ମୋତେ ପଦୋନ୍ନତି ଦିଅ କାରଣ ମୁଁ ମନେ କରୁ ନାହିଁ ଯେ ଯଥାସାଧ୍ୟ ଉଦ୍ୟମ କରି କାର୍ଯ୍ୟ କରିବାକୁ ମୋତେ ବ୍ୟବହାର କରାଯାଉ ନାହିଁ । ମୁଁ ବିଶ୍ୱାସ କରେ ମୁଁ ଅଧିକ ଦାୟିତ୍ୱ ବହନ କରିପାରିବି ଓ ଏକ ଦଳର ନେତୃତ୍ୱ ନେଇ କାର୍ଯ୍ୟ କରିପାରିବି ।" ଈଶ୍ୱରଙ୍କ ବାକ୍ୟାନୁଯାୟୀ ମୁଁ ବିଶ୍ୱାସ କଲି ଯେ ପଦୋନ୍ନତି ପ୍ରଭୁଙ୍କଠାରୁ ଆସିଥାଏ । ଶୀଘ୍ର ପରିସ୍ଥିତିର ପରିବର୍ତ୍ତନ ହେଲା ଏବଂ ମୋର ମ୍ୟାନେଜର୍ ମୋତେ ଏକ ଦଳର ନେତୃତ୍ୱ ଦେଲେ । ପଦୋନ୍ନତି ପ୍ରଭୁଙ୍କଠାରୁ ଆସିଥିଲା ।

## ଆପଣଙ୍କ ପରିଶ୍ରମର ଫଳରେ ଆନନ୍ଦ ଉପଭୋଗ କରନ୍ତୁ

ଉପଦେଶକ ୩:୧୩
ଆହୁରି, ପ୍ରତ୍ୟେକ ମନୁଷ୍ୟ ଭୋଜନ ପାନ କରି ଆପଣା ସକଳ ପରିଶ୍ରମରେ ସୁଖଭୋଗ କରିବ, ଏହା ପରମେଶ୍ୱରଙ୍କ ଦାନ ।

ଗୀତସଂହିତା ୧୨୮:୧,୨
୧ ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି ଓ ତାହାଙ୍କ ପଥରେ ଚାଲନ୍ତି, ସେମାନଙ୍କର ପ୍ରତ୍ୟେକ ଲୋକ ଧନ୍ୟ ।
୨ କାରଣ ତୁମ୍ଭେ ଆପଣା ହସ୍ତକୃତ ପରିଶ୍ରମର ଫଳ ଭୋଜନ କରିବ; ତୁମ୍ଭେ ସୁଖୀ ହେବ ଓ ତୁମ୍ଭର ମଙ୍ଗଳ ହେବ ।

ଉପଦେଶକ ୫:୧୮,୧୯
୧୮ ଦେଖ, ଭୋଜନପାନ କରିବାର ଓ ପରମେଶ୍ୱରଙ୍କ ଦତ୍ତ ପରମାୟୁ ମଧ୍ୟରେ ମନୁଷ୍ୟ ସୂର୍ଯ୍ୟ ତଳେ ଯେ ଯେ ପରିଶ୍ରମ କରେ, ସେହି ସମସ୍ତ ପରିଶ୍ରମରେ ସୁଖଭୋଗ କରିବାର, ଏହା ହିଁ ତାହା ପକ୍ଷରେ ଉତ୍ତମ ଓ ମନୋହର ବୋଲି ମୁଁ ଦେଖିଅଛି; କାରଣ ଏହା ହିଁ ତାହାର ଅଂଶ ।
୧୯ ଆହୁରି, ପରମେଶ୍ୱର କୌଣସି ବ୍ୟକ୍ତିକି ଧନ ସମ୍ପତ୍ତି ଦାନ କରି ତାହା ଭୋଗ କରିବାକୁ ଓ ଆପଣା ଅଂଶ ଗ୍ରହଣ କରିବାକୁ ଓ ଆପଣା ପରିଶ୍ରମରେ ଆନନ୍ଦ କରିବାକୁ କ୍ଷମତା ଦେଲେ, ଏହା ହିଁ ପରମେଶ୍ୱରଙ୍କ ଦାନ ।

ଆପଣଙ୍କ ପରିଶ୍ରମରେ ଆନନ୍ଦ କରିବା, ପରିଶ୍ରମର ଫଳ ଉପଭୋଗ କରିବା ଈଶ୍ୱରଙ୍କର ଏକ ଆଶୀର୍ବାଦ ଓ ଦାନ ଅଟେ । ଈଶ୍ୱରଙ୍କଠାରେ ନିର୍ଭର ରଖନ୍ତୁ ଯେ ଆପଣ ବାସ୍ତବରେ ଆପଣଙ୍କ ପରିଶ୍ରମର ଫଳରେ ଆନନ୍ଦ ଉପଭୋଗ କରିବେ । ଅନେକେ କଠିନ ପରିଶ୍ରମ କରନ୍ତି । କିନ୍ତୁ ସେମାନେ ସେମାନଙ୍କ ପରିଶ୍ରମ ହେତୁ ଯାହା ପାଆନ୍ତି ମନେ ହୁଏ ତାହା ବାୟୁରେ ଉଡ଼ିଯାଏ । ସେମାନଙ୍କ ଦରମା ଛିଦ୍ରଯୁକ୍ତ ମୁଣି ଭିତରେ ରଖିବା ଭଳି ଜଣାଯାଏ । ଅନେକଙ୍କର ପ୍ରଚୁର ଅର୍ଥ ଅଛି, କିନ୍ତୁ ସେମାନଙ୍କର ଆନନ୍ଦ ଓ ଶାନ୍ତି ନ ଥାଏ । ପ୍ରଚୁର ଅର୍ଥ ଥିବା ସତ୍ତ୍ୱେ ସେମାନେ ଅସନ୍ତୁଷ୍ଟ, ବିବାଦରେ ଓ ଅଶାନ୍ତିରେ ରହିଥାନ୍ତି । ଏହା ଆପଣଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବା ଅନୁଚିତ । ଈଶ୍ୱରଙ୍କ ଉପରେ ନିର୍ଭର ରଖନ୍ତୁ ଯେପରି ଆପଣ ପରିଶ୍ରମର ଫଳ ଭୋଜନ କରିବେ, 'ଉପଭୋଗ କରିବେ' ଓ ସେଥିରେ 'ଆନନ୍ଦ କରିବେ' ।

**ଆପଣଙ୍କ କାର୍ଯ୍ୟ ସମ୍ପର୍କରେ ପ୍ରତିଜ୍ଞାସମୂହ**

ଆପଣଙ୍କ ହସ୍ତର ସମସ୍ତ କାର୍ଯ୍ୟରେ ଆଶୀର୍ବାଦ
ପଦୋନ୍ନତି ପ୍ରଭୁଙ୍କଠାରୁ ଆସିଥାଏ
ଆପଣଙ୍କ ପରିଶ୍ରମର ଫଳରେ ଆନନ୍ଦ ଉପଭୋଗ କରନ୍ତୁ

# ୭

# ନୂତନ ପୃଥିବୀରେ କାର୍ଯ୍ୟଧାରା

ଯିଶାଇୟ ୬୫:୧୭-୨୫
୧୭ କାରଣ ଦେଖ, ଆମ୍ଭେ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ସୃଷ୍ଟି କରୁ ଓ ପୂର୍ବ କାଳର
ବିଷୟସବୁ ସ୍ମରଣ କରାଯିବ ନାହିଁ, କିଅବା ମନେର ପଡ଼ିବ ନାହିଁ।
୧୮ ମାତ୍ର ଯାହା ଆମ୍ଭେ ସୃଷ୍ଟି କରୁ, ତୁମ୍ଭେମାନେ ସଦାକାଳ ତହିଁରେ ଆନନ୍ଦିତ ହୋଇ ଉଲ୍ଲାସ କର;
କାରଣ ଦେଖ, ଆମ୍ଭେ ଯିରୁଶାଲମକୁ ଉଲ୍ଲାସ ସ୍ୱରୂପ ଓ ତହିଁର ଲୋକମାନଙ୍କୁ ଆନନ୍ଦର ପାତ୍ର କରି
ସୃଷ୍ଟି କରୁ।
୧୯ ପୁଣି, ଆମ୍ଭେ ଯିରୁଶାଲମରେ ଉଲ୍ଲାସ କରିବା ଓ ଆମ୍ଭ ଲୋକମାନଙ୍କଠାରେ ଆନନ୍ଦ କରିବା;
ପୁଣି, ତହିଁ ମଧ୍ୟରେ ରୋଦନର ଶବ୍ଦ, କିଅବା କ୍ରନ୍ଦନର ଶବ୍ଦ ଆଉ ଶୁଣାଯିବ ନାହିଁ।
୨୦ ସେସମୟରୁ ସେସ୍ଥାନରେ ଅଳ୍ପ ଦିନର ଶିଶୁ କିଅବା ଅସମ୍ପୂର୍ଣ୍ଣାୟୁ ବୃଦ୍ଧ ଲୋକ ଆଉ ନ ଥିବ;
କାରଣ ବାଳକ ଏକଶତ ବର୍ଷ ବୟଃକ୍ରମରେ ମରିବ ଓ ପାପୀ ଏକଶତ ବର୍ଷ ବୟସ୍କ ହୋଇ ଶାପଗ୍ରସ୍ତ
ହେବ।
୨୧ ପୁଣି, ଲୋକମାନେ ଗୃହ ନିର୍ମାଣ କରି ତହିଁରେ ବାସ କରିବେ ଓ ସେମାନେ ଦ୍ରାକ୍ଷାକ୍ଷେତ୍ର ପ୍ରସ୍ତୁତ
କରି ତହିଁର ଫଳ ଭୋଗ କରିବେ।
୨୨ ସେମାନେ ନିର୍ମାଣ କଲେ, ଅନ୍ୟ ତହିଁରେ ବାସ କରିବ ନାହିଁ; ସେମାନେ ରୋପଣ କଲେ,
ଅନ୍ୟ କେହି ଫଳ ଭୋଗ କରିବ ନାହିଁ, କାରଣ ଆମ୍ଭ ଲୋକମାନଙ୍କର ଆୟୁ ବୃକ୍ଷର ଆୟୁ ତୁଲ୍ୟ
ହେବ ଓ ଆମ୍ଭ ମନୋନୀତ ଲୋକମାନେ ଦୀର୍ଘ କାଳଯାଏ ଆପଣାମାନଙ୍କ ହସ୍ତକୃତ କର୍ମର ଫଳ
ଭୋଗ କରିବେ।
୨୩ ସେମାନେ ବୃଥା ପରିଶ୍ରମ କରିବେ ନାହିଁ, କିଅବା ବିପଦର ପାଇଁ ପ୍ରସବ କରିବେ ନାହିଁ;
କାରଣ ସେମାନେ ଓ ସେମାନଙ୍କ ସଙ୍ଗେ ସେମାନଙ୍କ ସନ୍ତାନଗଣ, ସଦାପ୍ରଭୁଙ୍କ ଆଶୀର୍ବାଦ-ପାତ୍ରର
ବଂଶ।
୨୪ ପୁଣି, ଏହା ଘଟିବ ଯେ, ସେମାନେ ଡାକିବା ପୂର୍ବେ ଆମେ ଉତ୍ତର ଦେବା ଓ ସେମାନେ କଥା
କହୁ କହୁ ଆମ୍ଭେ ଶୁଣିବା।
୨୫ କେନ୍ଦୁଆ ବାଘ ଓ ମେଣ୍ଢାଛୁଆ ଏକତ୍ର ଚରିବେ ଓ ସିଂହ ଗୋରୁ ପରି ନଡ଼ା ଖାଇବ; ପୁଣି, ଧୂଳି
ସର୍ପର ଖାଦ୍ୟ ହେବ। ସେମାନେ ଆମ୍ଭ ପବିତ୍ର ପର୍ବତର କୌଣସି ସ୍ଥାନରେ ହିଂସା କି ବିନାଶ
କରିବେ ନାହିଁ, ସଦାପ୍ରଭୁ ଏହା କହନ୍ତି।

ଦାନିଏଲ ୭:୧୩, ୧୪, ୧୮, ୨୨, ୨୭
୧୩ ମୁଁ ରାତ୍ରିକାଳର ଦର୍ଶନରେ ଦେଖିଲି, ଆଉ ଦେଖ, ମନୁଷ୍ୟପୁତ୍ର ନ୍ୟାୟ ଏକ ପୁରୁଷ ଆକାଶର ମେଘରେ ଆସିଲେ ଓ ସେ ଅନେକ କାଳର ସେହି ବୃଦ୍ଧଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ, ସେମାନେ ତାହାଙ୍କ ଛାମୁକୁ ତାହାଙ୍କୁ ଆଣିଲେ ।
୧୪ ପୁଣି, ସମୁଦାୟ ଗୋଷ୍ଠୀ, ଦେଶବାସୀ ଓ ଭାଷାବାଦୀମାନେ ଯେପରି ତାହାଙ୍କର ସେବା କରିବେ, ଏଥିପାଇଁ ତାହାଙ୍କୁ କର୍ତ୍ତୃତ୍ୱ, ମହିମା ଓ ରାଜ୍ୟ ଦତ୍ତ ହେଲା; ତାହାଙ୍କର କର୍ତ୍ତୃତ୍ୱ ଅନନ୍ତକାଳୀନ କର୍ତ୍ତୃତ୍ୱ, ତାହା ଲୁପ୍ତ ହେବ ନାହିଁ, ଆଉ ତାହାଙ୍କର ରାଜ୍ୟ ଅବିନାଶ୍ୟ ।
୧୮ ମାତ୍ର ସର୍ବୋପରିସ୍ଥଙ୍କର ପବିତ୍ରଗଣ ରାଜ୍ୟ ପ୍ରାପ୍ତ ହେବେ ଓ ଚିରକାଳ, ଅର୍ଥାତ୍, ଅନନ୍ତ କାଳ ଯାଏ ରାଜ୍ୟ ଭୋଗ କରିବେ ।
୨୨ ଶେଷରେ ସେହି ଅନେକ କାଳର ବୃଦ୍ଧ ଆସିଲେ ଓ ସର୍ବୋପରିସ୍ଥଙ୍କର ପବିତ୍ରଗଣଙ୍କୁ ବିଚାର ଭାର ଦତ୍ତ ହେଲା ଓ ପବିତ୍ରଗଣଙ୍କର ରାଜ୍ୟ ଭୋଗ କରିବାର ସମୟ ଉପସ୍ଥିତ ହେଲା ।
୨୭ ଆଉ, ରାଜତ୍ୱ ଓ କର୍ତ୍ତୃତ୍ୱ ଓ ଆକଶମଣ୍ଡଳର ଅଧଃସ୍ଥିତ ରାଜ୍ୟସମୂହର ମହିମା, ସର୍ବୋପରିସ୍ଥଙ୍କର ପବିତ୍ର ଲୋକମାନଙ୍କୁ ଦତ୍ତ ହେବ; ତାହାଙ୍କର ରାଜ୍ୟ ଅନନ୍ତକାଳୀନ ରାଜ୍ୟ ଓ ଯାବତୀୟ ଶାସନକର୍ତ୍ତା ତାହାଙ୍କର ସେବା କରିବେ ଓ ତାହାଙ୍କର ଆଜ୍ଞାବହ ହେବେ ।

ପ୍ରକାଶିତ ବାକ୍ୟ ୨:୨୫-୨୭
୨୫ କେବଳ ତୁମ୍ଭମାନଙ୍କଠାରେ ଯାହା ଅଛି, ତାହା ଆମ୍ଭର ଆଗମନ ପର୍ଯ୍ୟନ୍ତ ଦୃଢ଼ରୂପେ ଧରି ରଖ ।
୨୬ ଯେ ଜୟ କରେ ଓ ଶେଷ ପର୍ଯ୍ୟନ୍ତ ଆମ୍ଭର କର୍ମ କରେ, ଆମ୍ଭେ ଯେପରି ଆମ୍ଭର ପିତାଙ୍କଠାରୁ କ୍ଷମତା ପ୍ରାପ୍ତ ହୋଇଅଛୁ, ତାହାକୁ ମଧ୍ୟ ସେହିପରି ସମସ୍ତ ଜାତି ଉପରେ କ୍ଷମତା ଦେବୁ;
୨୭ ସେ ସେମାନଙ୍କୁ ଲୌହଦଣ୍ଡ ଦ୍ୱାରା ଶାସନ କରିବ, ଆଉ ସେମାନେ କୁମ୍ଭକାରର ପାତ୍ର ପରି ଖଣ୍ଡ ଖଣ୍ଡ ହେବେ ।

ସ୍ୱର୍ଗ ଓ ଅନନ୍ତକାଳ ସମ୍ବନ୍ଧରେ ଅନେକଙ୍କର ବିଭିନ୍ନ ଧାରଣା ରହିଛି । ଅନେକେ ଭାବନ୍ତି ଯେ ଅନନ୍ତକାଳ ଏକ ଅନନ୍ତ ଅବକାଶ ସମୟ ପରି ହେବ ଏବଂ ଆମେ ସମସ୍ତେ ସ୍ୱର୍ଗୀୟ ନିବାସରେ ମେଘରେ ଭାସି ଏପଟ ସେପଟ ଯିବା ଆସିବା କରିବା ଓ ଦୂତମାନଙ୍କ ସଙ୍ଗେ ମିଶି ଈଶ୍ୱରଙ୍କର ପ୍ରଶଂସାଗାନ କରୁଥିବା । ତେବେ ବାଇବଲ କେତେକ ବିଷୟ ପ୍ରକାଶ କରେ ଆଗାମୀ ଜଗତରେ ଆମେ କ'ଣ ଆଶା କରିବା ।
ଯିଶାଇୟ କହନ୍ତି ଯେ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ପ୍ରକାଶ ପାଇବା ପରେ ଈଶ୍ୱରଙ୍କ ଲୋକମାନେ ତଥାପି ଗୃହନିର୍ମାଣ କରିବେ ଓ ଦ୍ରାକ୍ଷାକ୍ଷେତ୍ର ପ୍ରସ୍ତୁତ କରିବେ । ଆମେମାନେ ପରିଶ୍ରମ କରିବା ଓ ଆମ ହସ୍ତର କାର୍ଯ୍ୟ ଉପଭୋଗ କରିବା । ତେଣୁ ନୂତନ ଜଗତରେ ମଧ୍ୟ ଆମେ 'କାର୍ଯ୍ୟ' କରୁଥିବା ।

ଦାନିୟେଲ ଓ ପ୍ରକାଶିତ ବାକ୍ୟରୁ ଉଦ୍ଧୃତ ଶାସ୍ତ୍ରାଂଶ ପ୍ରକାଶ କରେ ଯେ ଈଶ୍ୱରଙ୍କ ଲୋକମାନେ ଖ୍ରୀଷ୍ଟଙ୍କର ପୃଥିବୀରେ ରାଜତ୍ୱ ସମୟରେ ତାଙ୍କର ଶାସନ କାର୍ଯ୍ୟରେ ସାହାଯ୍ୟ କରିବେ । ଖ୍ରୀଷ୍ଟ ଯେତେବେଳେ ଆସି ତାଙ୍କର ରାଜ୍ୟ ସ୍ଥାପନ କରିବେ ଈଶ୍ୱରଙ୍କ ଲୋକମାନେ ରାଜ୍ୟଶାସନରେ ବ୍ୟସ୍ତ ରହିବେ ।

ତେଣୁ ମନେହୁଏ ଆମେ ସଦାକାଳ କାର୍ଯ୍ୟ କରୁଥିବା । କାର୍ଯ୍ୟକୁ ଆମେ ଉପଭୋଗ କରିବା । ଏହା ଈଶ୍ୱରଙ୍କ ଦ୍ୱାରା ପରିକଳ୍ପିତ ଓ ଈଶ୍ୱରଙ୍କ ଆଦେଶ ଦ୍ୱାରା ସମ୍ପାଦିତ ଅଟେ । ତେଣୁ ଆପଣଙ୍କ କାର୍ଯ୍ୟ ତାହାଙ୍କର ଉଦ୍ଦେଶ୍ୟସବୁକୁ ପୃଥିବୀରେ ଆଗେଇ ନେବାର ଏକ ଗାଡ଼ି ସଦୃଶ ବ୍ୟବହୃତ ହେଉ ।

**ନୂତନ ଜଗତରେ ମଧ୍ୟ ଆମେ 'କାର୍ଯ୍ୟ' କରୁଥିବା**
**ତେଣୁ, ଆସନ୍ତୁ ଆମେ କାର୍ଯ୍ୟକୁ ଉପଭୋଗ କରିବା ।**

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work*
Breaking Personal and Generational Bondages*
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints*
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife*
Marriage and Family
Ministering Healing and Deliverance
Offenses-Don't Take Them*
Open Heavens*
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design*

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

## ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିରର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂସ୍ଲିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରୈରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**

ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

# ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ "All Peoples Church Bangalore" ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




### ଏଥିରେ ଥିବା ସୁବିଧାଗୁଡ଼ିକ:

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ !***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block |
| Branch Name: R.T Nagar Branch, Bangalore | HRBR Layout, Kalyan Nagar, Bangalore |
| | 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

"ଆମେ ସମସ୍ତେ ବିଶ୍ୱାସ କରୁ ଯେ ବିବାହ ଈଶ୍ୱରଙ୍କ ଚିନ୍ତାଧାରା, ତେଣୁ ଆମେ ବିବାହକୁ ଉପଭୋଗ କରୁଛୁ ।

ଆମେ ଜାଣୁ ଯେ ମଣ୍ଡଳୀ ଈଶ୍ୱରଙ୍କ ଚିନ୍ତାଧାରା, ତେଣୁ ଆମେ ମଣ୍ଡଳୀକୁ ନେଇ ଆନନ୍ଦ କରୁଛୁ ।

ସୁସମ୍ବାଦ ଏହି ଯେ କାର୍ଯ୍ୟ ମଧ୍ୟ ଈଶ୍ୱରଙ୍କ ଚିନ୍ତାଧାରା । ଈଶ୍ୱର ଏହାକୁ ପ୍ରତିଷ୍ଠା କରିଛନ୍ତି । ତେଣୁ, କାର୍ଯ୍ୟକୁ ମଧ୍ୟ ଉପଭୋଗ କରନ୍ତୁ ।"

ଆଶିଷ୍ ରାଇଚୁର୍

**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org